


SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17



ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ।
ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା।

Vol. 32 | ISSUE 169 | ଭାଗ ୩୨ | ସଂଖ୍ୟା ୧୬୯ | Bhubaneswar | Saturday 7 September 2024 | Page 8 ₹ 4.00 | ଭୁବନେଶ୍ୱର | ଶନିବାର ୭ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ମମତାଙ୍କ ପରେ ସୁଜିତ: ଶଙ୍ଖ ଭବନରୁ ଗୋଟି ପହଣ୍ଡି

## ପାଞ୍ଚଟି କାରଣ ପାଇଁ ବିଜେଡି ଛାଡିଦେଲେ




ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): କିଛି ଦିନର ବ୍ୟବଧାନ ପରେ ବିଜେଡିର ରାଜ୍ୟସଭା ଟିମରୁ ଆଉ ଗୋଟିଏ ଓ୍ୱିକେଟ ଗଳିଛି। ମମତା ମହନ୍ତଙ୍କ ପରେ ସୁଜିତ କୁମାର ବିଜେଡି ଛାଡି ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷଙ୍କୁ ନିଜ ଇସ୍ତଫା ପତ୍ର ପଠାଇବାର କିଛି ସମୟ ପରେ ସେ ବିଜେପିରେ ଯୋଗ ଦେଇଛନ୍ତି। ଆଉ ବିଜେଡି ଅନ୍ଦର ମହଲର ସବୁ ଗୁମର ଖୋଲିଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତରେ ସେ ବିଜେପିରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଦେଶ ଆଗ' ନୀତିରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗଦେଇଥିବା କହିଛନ୍ତି।

ବିଜେପିରେ ଯୋଗ ଦେବା ସୁଜିତ ବିଜେଡି ବିରୋଧରେ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ନିର୍ବାଚନ ପୂର୍ବରୁ ରାଜ୍ୟସଭାରୁ ➪ପୃଷ୍ଠା-୬

- ଜଣେ ନେତାଙ୍କ ଗୁଲାମୀ ପାଇଁ ବାଧ୍ୟ କରାଯାଉଥିଲା
- ବିଜେଡି ସରକାରରେ ଚାଲିଥିଲା ବ୍ୟାପକ ଦୁର୍ନୀତି ଓ ହରିଲୁଟ
- ୫ଟି ନାଁରେ ଜମି, ଟେଣ୍ଡର, ଛତୁଆ ସବୁଠି ଚାଲିଥିଲା ଫିକ୍ସିଂ
- ହାତଗଣତି ନେତା ଓ ଅଫିସର ଓଡିଶାକୁ ଲୁଟୁଥିଲେ
- ବବି, ପାଣ୍ଡିଆନଙ୍କ ପାଇଁ ବିଜେଡି ବରବାଦ

## ଝଟ୍‌କା
### ବିଶ୍ୱସ୍ତଙ୍କ ସହ ବେଇମାନି ଏବେ ଫଳ ଭୋଗୁଛନ୍ତି

ଭୁବନେଶ୍ୱର, ୬ । ୯ : ଓଡିଶା ରାଜନୀତିରେ ପାଦ ଥାପିବା ପରଠାରୁ ନିଜର ଅତି ପାଖଲୋକଙ୍କୁ ଝଟ୍‌କା ଦେଇ ସେମାନଙ୍କ ରାଜନୈତିକ କ୍ୟାରିଅର ବରବାଦ କରିବା ପାଇଁ ନବୀନ ପଟ୍ଟନାୟକ ବେଶ୍ ଜଣାଶୁଣା। ଓଡିଶା ରାଜନୀତିର ମହା ମହା ରଥୀଙ୍କୁ ଝଟ୍‌କା ପରେ ଝଟ୍‌କା ଦେଇ ରାଜନୀତିରେ ନିଜର ମାଇଲଖୁଣ୍ଟ ସ୍ଥାପନ କରିଥିବାବେଳେ ଏବେ ଚକ ଓଲଟିବାରେ ଲାଗିଛି । ଏକଦା ନେତାଙ୍କୁ ହାଇ ଭୋଲଟେଜ୍ ଝଟ୍‌କା ଦେଉଥିବା ନବୀନଙ୍କୁ ତାଙ୍କରି ପାଖଲୋକମାନେ ସମାନ ଢଙ୍ଗରେ ଝଟ୍‌କା ଦେଉଛନ୍ତି । ଝଟ୍‌କା ଏଭଳି ଯେ ଚିନ୍ତା କରିବାକୁ ବି ନବୀନଙ୍କୁ ବେଳ ମିଳୁନାହିଁ ।

ବିଜୁ ବାବୁଙ୍କ ମୃତ୍ୟୁପରେ ବିଜେଡି ଗଢା ହୋଇଥିଲା ଓ ନବୀନ ପଟ୍ଟନାୟକ ଏହାର ମଙ୍ଗ ଧରିଥିଲେ । ହେଲେ ଯେଉଁମାନେ ବିଜେଡି ଗଠନ କରି ନବୀନଙ୍କୁ ଏହାର ସର୍ବେସର୍ବା କରିଥିଲେ ନବୀନ ପ୍ରଥମେ ସେହିମାନଙ୍କୁ ହିଁ ଜୋରରେ ଝଟ୍‌କା ଦେଇଥିଲେ । ନବୀନଙ୍କ ପ୍ରଥମ ଶିକାର ହୋଇଥିଲେ ବିଜେଡିର ପ୍ରତିଷ୍ଠାତା ସଦସ୍ୟ ତଥା ଦଳର ଦୁଇ ନମ୍ବର ନେତା ବିଜୟ ମହାପାତ୍ର । ପାଟକୁରା ନିର୍ବାଚନ ମଣ୍ଡଳୀରେ ନାମାଙ୍କନପତ୍ର ଦାଖଲ କରି ରାଜଧାନୀରେ ଗୋଟିଏ ହୋଟେଲରେ ବସିଥିବାବେଳେ ସେହିଠାରେ ହିଁ ଟିଭିରେ ଦେଖିଲେ ନବୀନ ତାଙ୍କ ଟିକଟ କାଟି ଅତନୁ ସବ୍ୟସାଚୀଙ୍କୁ ଶେଷ ମୁହୂର୍ତ୍ତ ଅର୍ଥାତ ପ୍ରାର୍ଥପତ୍ର ଦାଖଲର ଶେଷଦିନରେ ହିଁ ପ୍ରାର୍ଥୀ କରିଛି । ବିଜୟ ଯେଭଳି ଆଉ ପାଟକୁରା ଯାଇନପାରିବେ କି ଏହାର ସୁରାକ ନପାଇବେ ସେଥିପାଇଁ ନବୀନ ବ୍ୟୁହ ରଚନା କରିଥିଲେ । ବିଜୟ ମହାପାତ୍ର ସେହି ଝଟ୍‌କା ପରଠାରୁ ଆଉ ବିଧାନସଭାକୁ ଆସିପାରି ନାହାନ୍ତି ।

ନବୀନ ଦ୍ୱିତୀୟ ଝଟ୍‌କା ଦେଇଥିଲେ ନିଜର ଅତି ନିକଟତର ଦିଲ୍ଲୀପ ରାୟଙ୍କୁ । ଦିଲ୍ଲୀପ ରାୟ ବିଜେଡି ନେତାଭାବେ କେନ୍ଦ୍ର ବିଜେପି ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଥିଲେ । ଯେଉଁଦିନ ନବୀନ ନିବାସରେ ନବୀନଙ୍କ ସହ ହସଖୁସିରେ ଆଲୋଚନା କରି ଦିଲ୍ଲୀଗଲେ ସେହିଦିନ ଦିଲ୍ଲୀ ବିମାନବନ୍ଦରରେ ଖବର ପାଇଲେ ଯେ ତାଙ୍କର ଆଉ ମନ୍ତ୍ରୀପଦ ନାହିଁ। ଦିଲ୍ଲୀପ ଭୁବନେଶ୍ୱର ଛାଡିବା ପୂର୍ବରୁ ତାଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ତଡିବାପାଇଁ ନବୀନ ଦିଲ୍ଲୀକୁ ଫୋନ୍ କରି ଜଣାଇଥିଲେ । ଦିଲ୍ଲୀପ ଏହାର ସାମାନ୍ୟ ସୁରାକ ପାଇ ନଥିଲେ ।

ସେହିଭଳି ନବୀନଙ୍କ ଆଉଜଣେ ଶିକାର ଥିଲେ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତି। ବିଜେଡିର ମନ୍ତ୍ରୀ ଭାବେ ନବୀନଙ୍କ ସହ ଆଲୋଚନା କରି ଘରକୁ ଫେରି ଖାଇ ବସିଥିବାବେଳେ ଟିଭିରୁ ଦେଖିଲେ ନବୀନ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଛନ୍ତି । ଘଣ୍ଟାଏ ତଳେ ଆଲୋଚନା ସମୟରେ ନବୀନ ତାଙ୍କୁ ଏ ବିଷୟରେ କିଛି କହିନଥିଲେ । ସେହିଭଳି ବିଜୁଙ୍କ ସହଯୋଗୀ ସୁରେନ୍ଦ୍ର ନାଥ ନାୟକ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀପତ୍ର ଦାଖଲ କରିବାପରେ ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ନବୀନ ହଠାତ୍ ପ୍ରାର୍ଥୀ କରି ଦେଇଥିଲେ । ନବୀନ ଦେଇଥିବା ଝଟ୍‌କା ତାଲିକାରେ ରାମକୃଷ୍ଣ ପଟ୍ଟନାୟକ, ବୈଜୟନ୍ତ ପଣ୍ଡା, ଦାମୋଦର ରାଉତ, ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

### ଶ୍ୱାସରୁଦ୍ଧ ହୋଇ ୩ ପ୍ରବାସୀ ଶ୍ରମିକ ମୃତ

କଟକ, ୬।୯(ସଂଚାର ବ୍ୟୁରୋ): କଟକର ତ୍ରିଶୁଳିଆରେ ଥିବା ଏକ ଆପାର୍ଟମେଣ୍ଟ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶ୍ରମିକମାନଙ୍କର ଘର ପଶିମବଙ୍ଗ ନଦିଆରେ ବୋଲି ଜଣାପଡିଛି। ଶୁକ୍ରବାର ସକାଳେ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବାକୁ ୩ ଜଣ ଶ୍ରମିକ ଏହା ମଧ୍ୟକୁ ପଶିଥିଲେ। ମାତ୍ର ପ୍ରବେଶ କରିବା ମାତ୍ରେ ସମସ୍ତେ ଚିତ୍କାର କରିଥିଲେ। ନିକଟରେ ଥିବା ସେମାନଙ୍କ ସାଥୀମାନେ ବାରଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଡାକ୍ତ ୨ ଜଣଙ୍କ ମୃତ ଘୋଷଣା କରିଥିବା ବେଳେ ଆଉଜଣଙ୍କୁ ଚିକିତ୍ସା କରିଥିଲେ। ତେବେ ଅପରାହ୍ଣରେ ତାଙ୍କର ମୃତ୍ୟୁ ଘଟିଛି। ମୃତଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ଆବୁ ତାହିର, ଦୀନେଶ ସରକାର। ଅନ୍ୟ ଜଣେ ମୃତକଙ୍କ ପରିଚୟ ମଳିପାରିନାହିଁ। ଦୁର୍ଘଟଣାର ନିର୍ଦ୍ଦିଷ୍ଟ କାରଣ ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ କରାଯାଇଛି।

### ବୋର୍ଡିଂ ସ୍କୁଲରେ ନିଆଁ: ୧୭ ଶିଶୁ ଦଗ୍ଧ

ନାଇରୋବି,୬।୯: କେନିଆର ଏକ ପ୍ରାଥମିକ ବୋର୍ଡିଂ ସ୍କୁଲରେ ଅଗ୍ନିକାଣ୍ଡରେ ୧୭ଶିଶୁଙ୍କର ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହେବା ଆଶଙ୍କା କରାଯାଉଛି। ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ନାଇରୋବିରେ ଥିବା ଆଣ୍ଡ୍ରାସା ଏକାଡେମୀ ହଷ୍ଟେଲରେ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ରହିଥାଆନ୍ତି। ଏଠାରେ ୧୫୦ ଛାତ୍ର ରହୁଥିଲେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି। ହଷ୍ଟେଲର ଅଧିକାଂଶ ଘର କାଠରେ ନିର୍ମିତ, ଯେଉଁଥିପାଇଁ ନିଆଁ ଶୀଘ୍ର ବ୍ୟାପିଗଲା। ରାଷ୍ଟ୍ରପତି ଓ୍ୱିଲିୟମ ରୁଟୋ ଏହାକୁ ଭୟଙ୍କର ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଘଟଣାର ବିସ୍ତୃତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିକଟ ଅତୀତରେ କେନିଆର ବିଦ୍ୟାଳୟରେ ଏକାଧିକବାର ଅଗ୍ନିକାଣ୍ଡ ଘଟିଥିଲା। ସେପ୍ଟେମ୍ବର ୨୦୧୭ରେ, ବିଦ୍ୟାଳୟରେ ଅଗ୍ନିକାଣ୍ଡରେ ନଅ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ୨୦୨୧ରେ ଅଗ୍ନିକାଣ୍ଡରେ ୫୮ ଏବଂ ୨୦୧୨ରେ ୮ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଥିଲା।

### ଭଦ୍ରକରେ ହେବ ଟେକ୍ସଟାଇଲ ପ୍ଲାଣ୍ଟ

ଭୁବନେଶ୍ୱର, ୬।୯(ସଂଚାର ବ୍ୟୁରୋ): ଭଦ୍ରକରେ ଟେକ୍ସଟାଇଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଉଥିବା ନେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ସୂଚନା ଦେଇଛନ୍ତି। ଆଜି ଗୃହରେ ସେ କହିଛନ୍ତି, ପାରାଦୀପରେ ଏକ ମେଗା ଫିଡ କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହି ପ୍ଲାଣ୍ଟର ବାଏ ପ୍ରଡକ୍ଟ ଭଦ୍ରକ ଟେକ୍ସଟାଇଲ ପାର୍କରେ ବ୍ୟବହାର କରାଯିବ। ଆଇଓସିଏଲ୍ ସହ ମିଳିତ ଭାବେ ଏହି କାମ ହେବ। ଶୁକ୍ରବାର ବିଧାନସଭାରେ ବିଧାୟକ ସଞ୍ଜୀବ ମଲ୍ଲିଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହ କହିଛନ୍ତି ଶିଳ୍ପ ମନ୍ତ୍ରୀ । ଏଥି ସହିତ ରାଜ୍ୟରେ ଅଧିକ ଏମ୍‌ଏସ୍‌ଏମ୍‌ଇ ପାର୍କ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ୟୁନିଟ ବଢିଲେ ନିଯୁକ୍ତି ସୁଯୋଗ ବଢିବ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପାଇଁ ବିଧାୟକମାନେ କହିବା ଉଚିତ୍। ଯଦି ପ୍ରଶାସନ ନ ଶୁଣେ, ତେବେ ମୋ ସହ ଆଲୋଚନା କରନ୍ତୁ।

## ବିଧାୟକଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା
# କେବେ ବନ୍ଧା ହେବେ ତ୍ରିମୂର୍ତ୍ତି ?

ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): ଦିନେ ଆଇନର ଦ୍ୱାହି ଦେଇ ସବୁ ବେଆଇନ କାମ ଉପରେ ପରଦା ପକାଇଦେଉଥିବା ବିଜେଡି ବିଧାୟକ ଏବେ ନିଜେ ଖୋଳିଥିବା ଗାତରେ ପଡିଛନ୍ତି। ରେଭେନ୍ସା ନାମ ପରିବର୍ତ୍ତନ ବିତର୍କକୁ ରାଜନୀତିର ରୂପ ଦେବାକୁ ଚେଷ୍ଟା କରି ବିଜେଡି ନେତାମାନେ ବିଶ୍ୱବିଦ୍ୟାଳୟ ପରିସରରେ ହିଂସାକୁ ଆପଣେଇଥିଲେ। ମାରଣାସ୍ତ୍ର ଦେଖାଇ ରେଭେନ୍ସା ଛାତ୍ରଙ୍କୁ ଡରାଇବାକୁ ଚେଷ୍ଟା କରିଥିଲେ। ଫଳରେ ପୋଲିସ ବିଧାୟକ ବ୍ୟୋମକେଶ ରାୟ, ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଓ ଛାତ୍ର ନେତା ବବି ଖାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ସବୁଠୁ ଉଦବେଗର କଥା ହେଉଛି ବିଧାୟକ ବ୍ୟୋମକେଶ ରାୟଙ୍କ ବିରୋଧରେ ଆର୍ମ୍ସ ଆକ୍ଟରେ ମାମଲା ରୁଜୁ ହୋଇଛି।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମଶାଲ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମାଡ଼ଗୋଳ ଘଟଣାରେ ଚାନ୍ଦବାଲି ବିଧାୟକ ତଥା ବିଜେଡି ନେତା ବ୍ୟୋମକେଶ ରାୟଙ୍କ ନାମରେ ମାମଲା ରୁଜୁ ହୋଇଛି। ବ୍ୟୋମକେଶଙ୍କ ସହ ବିଜେଡି



ନେତା ଲେନିନ ମହାନ୍ତି ଓ ଛାତ୍ର ବିଜେଡି ନେତା ବବି ଖାନଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ କରିଛି ମାଲଗୋଦାମ ଥାନା ପୁଲିସ।

ରେଭେନ୍ସା ଛାତ୍ରଙ୍କୁ ମଶାଲ ଶୋଭାଯାତ୍ରା ବେଳେ ମାଡ଼ ମାରିବା, ଧମକଚମକ ଦେବା ସହ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଧମକ ଦେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ମାଲଗୋଦାମ ଥାନା ପୁଲିସ ଘଟଣାର ତଦନ୍ତ କରି ୩ ଜଣ ବିଜେଡି ନେତାଙ୍କ ନାଁରେ ମାମଲା ରୁଜୁ କରିଥିବା ଜଣାଯାଇଛି।

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନାମ ପରିବର୍ତ୍ତନକୁ ନେଇ ରାଜ୍ୟ ରାଜନୀତି ସରଗରମ ଥିବା ବେଳେ ବୁଧବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା ଏହି ଶୋଭାଯାତ୍ରାରେ ବିଭିନ୍ନ ଛାତ୍ର ସଂଗଠନ ସହ ବ୍ୟୋମକେଶ ➪ପୃଷ୍ଠା-୬

## ବ୍ରହ୍ମପୁର-ଟାଟାନଗର ବନ୍ଦେଭାରତ



ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ): ବ୍ରହ୍ମପୁର-ଟାଟାନଗର ମଧ୍ୟରେ ଚଳାଚଳ କରିବ ବନ୍ଦେଭାରତ ଏକ୍ସପ୍ରେସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଟ୍ରେନ ଚଳାଚଳକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ମିଶାଇ ଓଡ଼ିଶାରେ ୪ ବନ୍ଦେଭାରତ ଏକ୍ସପ୍ରେସ ଚଳାଚଳ କରିବ।

ଟାଟାନଗର-ବ୍ରହ୍ମପୁର ଓ ଟାଟାନଗର-ପାଟନା ମାର୍ଗରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଆଜି ଏହି ଦୁଇ ମାର୍ଗ ପାଇଁ ବନ୍ଦେଭାରତ ଏକ୍ସପ୍ରେସ ଟ୍ରେନ ଟାଟାନଗରରେ ପହଂଚିଛି । ଲୋକାର୍ପଣ ପୂର୍ବରୁ ସେପ୍ଟେମ୍ବର ୮ତାରିଖରେ ଟାଟାନଗରରୁ ବ୍ରହ୍ମପୁର ମାର୍ଗରେ ବନ୍ଦେଭାରତ ଏକ୍ସପ୍ରେସ ଟ୍ରେନର ଟ୍ରାଏଲ ରନ୍ କରାଯିବାକୁ ନିଷ୍ପତ୍ତି ହୋଇଛି ।

ଟାଟାନଗରରୁ ବ୍ରହ୍ମପୁର ମଧ୍ୟରେ ଚଳାଚଳ କରିବାକୁ ଥିବା ବନ୍ଦେଭାରତ ଏକ୍ସପ୍ରେସ୍ ଟ୍ରେନ ୭ରୁ୮ଘଣ୍ଟା ମଧ୍ୟରେ ପ୍ରାୟ ୫୮୬କିମି ମାର୍ଗ ଅତିକ୍ରମ କରିବ। ଏହି ଲାଇନରେ ରାଜଖରସୁଆଁ, ଚୌବାସ, ଦଙ୍ଗୱାପୋଷି, ବାଂଶପାଣି, କେନ୍ଦୁଝରଗଡ଼, ହରିଚନ୍ଦ୍ରପୁର, ସୁକିନ୍ଦା ରୋଡ୍, ଝଙ୍ଗପୁରା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ଟ୍ରେନ ଅଟକିବ। ସପ୍ତାହକୁ ୬ଦିନ ଏହି ଟ୍ରେନ ଚଳାଚଳ କରିବ। ରେଳବାଇ ପକ୍ଷରୁ ଖୁବଶୀଘ୍ର ଏହାର ସମୟସାରଣୀ ଜାରି କରାଯିବ।

## ଅଗ୍ନି-୪ ରାତ୍ରିକାଳୀନ ପରୀକ୍ଷଣ ସଫଳ




ବାଲେଶ୍ୱର, ୬।୯ (ସଂଚାର ବ୍ୟୁରୋ): ଚାନ୍ଦିପୁର ସ୍ଥିତ ଅବ୍ଦୁଲ କଲାମ ଦ୍ୱୀପରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ଅଗ୍ନି-୪ ମିଜାଇଲ ରାତ୍ରିକାଳୀନ ପରୀକ୍ଷଣ ହୋଇଛି। ଆଇସିବିଏମ୍ ଗ୍ରୁପର ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କ୍ଷମତା ୪ ହଜାର କିମି ସ ପରମାଣୁ ଯୁଦ୍ଧାସ୍ତ୍ର ମଧ୍ୟ ବହନ କ୍ଷମତା ରହିଛି। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଉକ୍ତ କ୍ଷେପଣାସ୍ତ୍ରର ୯ ନମ୍ବର ଭର୍ସନ ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡର ନିରୀକ୍ଷଣ ମଧ୍ୟରେ ୪ ନମ୍ବର ଲଞ୍ଚ ପ୍ୟାଡରୁ ରାତି ୭.୫୫ରେ ଉତ୍କ୍ଷେପଣ କରାଯାଇଛି।

୨୦ ମିଟର ଲମ୍ବ ଓ ୧୭ ହଜାର କିଲୋଗ୍ରାମ ଓଜନର ଏହି କ୍ଷେପଣାସ୍ତ୍ର ୧ ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ। ଦୁଇଟି ପର୍ଯ୍ୟାୟ ଦେଇ ଏହା ପ୍ରଥମେ ଭୂପୃଷ୍ଠରୁ ଆକାଶକୁ ଗତି କରିଥାଏ। ଶତ୍ରୁ ➪ପୃଷ୍ଠା-୬

# ବିକଶିତ ଭାରତରେ ବିକଶିତ ଓଡ଼ିଶା
## ରାଜ୍ୟରେ ପ୍ରଥମ ସେମିକଣ୍ଡକ୍ଟର ୟୁନିଟ




ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): ଦେଶର ପ୍ରଥମ ସିଲିକନ୍ କାର୍ବାଇଡ୍ ମ୍ୟାନୁଫାକଚରିଂ କେନ୍ଦ୍ରର ଆଜି ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭୁବନେଶ୍ୱରର ଇନଫୋଭ୍ୟାଲିସ୍ଥିତ ଇଏମସି ପାର୍କରେ ଆରଆଇଆର ପାୱାର ଇଲୋକ୍ଟ୍ରୋନିକ୍ସ ଲିଃ ଦ୍ୱାରା ଏହି ୟୁନିଟ୍ ସ୍ଥାପନ କରାଯାଉଛି। ଦେଶର ପ୍ରଥମ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ ଦ୍ୱାରା ଓଡିଶା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଦେଶର ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଓଡ଼ିଶାକୁ ଗଢ଼ିବା ଦିଗରେ ଏହି ୟୁନିଟ୍ ସ୍ଥାପନ ରାଜ୍ୟ ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ । ଏହି ନୂଆ ସୁବିଧା ନାକେବଳ ରାଜ୍ୟରେ ଷ୍ଟେଟ ଅଫ୍ ଆର୍ଟ ପ୍ରଡକ୍ଟ ସୃଷ୍ଟି କରିବ ବରଂ ପ୍ରତିଭାବାନ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ । ଯାହା ସେମାନଙ୍କୁ ସବୁପ୍ରକାରର ଜ୍ଞାନକୌଶଳ ଯୋଗାଇବାରେ ସହାୟକ ହେବ । ଏହି ସୁବିଧା କେନ୍ଦ୍ର ପ୍ରଶିକ୍ଷିତ ପ୍ରଫେସନାଲଙ୍କୁ ଆକର୍ଷିତ କରିବ । ଯାହାକି ଅର୍ଥନୀତିକ ଅଭିବୃଦ୍ଧି କରିବା ସହ ଓଡ଼ିଶାକୁ ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ମ୍ୟାନୁଫାକଚରିଂ ଭାବେ ବିକଶିତ କରିବ।

**ବିନିଯୋଗ ହେବ ୬୨୦ କୋଟି**
**ମିଳିବ ୫୦୦ ନିଯୁକ୍ତି ସୁଯୋଗ**

ସୂଚନାଯୋଗ୍ୟ, ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୬୨୦କୋଟି ଟଙ୍କାର ନିବେଶରେ ଏହି ଷ୍ଟେଟ ଅଫ ଆର୍ଟ ସୁବିଧା କେନ୍ଦ୍ର ସ୍ଥାପନ ହେବ । ଏହା ୫୦୦ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ନୂଆ ନିଯୁକ୍ତିର ସୁଯୋଗ ପାଇବେ। ଏହି ଶିଳ୍ପ ଦ୍ୱାରା ଭୁବନେଶ୍ୱରରେ ଶିଳ୍ପାୟନର ନୂଆ ଯୁଗ ସୃଷ୍ଟି କରିବ। ଦେଶର କିଛି ହାତଗଣତି ରାଜ୍ୟ ଭଳି ➪ପୃଷ୍ଠା-୬

## "ଡାର୍ଲିଂ ବିଜେପି ଛାଡ଼ି ବିଜେଡିରେ ମିଶିଯାଅ, ରାଣୀ କରିଦେବି"



ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): "ଡାର୍ଲିଂ ବିଜେପି ଛାଡି ବିଜେଡିରେ ମିଶିଯାଅ । ମୋର ଗାର୍ଲଫ୍ରେଣ୍ଡ ବନିଯାଅ। ତୁମକୁ ରାଣୀ କରି ରଖିବି। ଅୟସ ଆରାମ କରିବ। ପାୱାର୍ ଏଞ୍ଜୟ କରିବ। ଦିଲ୍ଲୀ ବୁଲିବ । କାଶ୍ମୀର ମୋନାଲି ଯିବା।" ବିଜେଡି ସରକାରରେ ଥିବା ବେଳେ ଏଭଳି ମନମତାଣିଆ କଥା କହି ଦୁର୍ବଳ ମୁହୂର୍ତ୍ତରେ ଜଣେ ବିବାହିତା ମହିଳାଙ୍କୁ କୁଣ୍ଢେଇ ପକାଇ ଏବେ ହରଡ଼ଘଣାରେ ଜଣେ ରାଜ୍ୟସଭା ସାଂସଦ।

ଘଟଣାଟି କିଛି ମାସ ତଳର । ଜୟଦେବ ବିହାର ଛକରେ ଥିବା ପାଲହାଇଟ୍ସ ହୋଟେଲରେ ଥାଆନ୍ତି ପାୱାର୍ କରିଡରରେ ନିଜକୁ ପାୱାରଫୁଲ ବୋଲାଉଥିବା ଜଣେ କାମୁକ ସାଂସଦ । ବାହାରୁ ନିଜକୁ ବେଶ ସରଳ ଦେଖାଉଥିବା ଏହି ସାଂସଦ ଜଣଙ୍କ କିନ୍ତୁ ବେଶ ରୋମାଣ୍ଟିକ। କଟକ ରୋଡ଼ ଅଞ୍ଚଳରେ ରହୁଥିବା ଜଣେ ମହିଳା କୌଣସି କାମରେ ସାଂସଦ ବାବୁଙ୍କ ପାଖୁ ଯାଇଥିଲେ । କାମ କରିଦେବା ଆଳରେ ହଠାଥ ସୁନ୍ଦରୀ ମହିଳା ଜଣଙ୍କୁ ଜାବୁଡି ଧରିଥିଲେ । କିନ୍ତୁ ମହିଳା ଜଣଙ୍କ ଅପ୍ରସ୍ତୁତ ହୋଇ ସେଠାରୁ ରାଗି ଚାଲିଯାଇଥିଲେ ।

ନବୀନ ପଟ୍ଟନାୟକଙ୍କ ସରକାର ର ଶେଷ ବେଳକୁ ଏହି ଘଟଣା ଘଟିଥିବା ବେଳେ ପାୱାରଫୁଲ ସାଂସଦ ଜଣଙ୍କ ଯଥା ସମ୍ଭବ ଘଟଣାକୁ ଚାପିବାକୁ ଚେଷ୍ଟା କରିଥିଲେ। ଜଣେ ସ୍ଥାନୀୟ ନେତାଙ୍କ ସହାୟତାରେ ମହିଳାଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ସେତବେଳେ ମହିଳା ଜଣଙ୍କ ବୁଝିଯାଇଥିଲେ ମଧ୍ୟ ଏବେ ସେ ଘଟଣାକୁ ବୁଝିବାକୁ ନାରାଜ । ଜିଦ ଧରିଛନ୍ତି ସବୁକଥା ବିଜେଡି ସୁପ୍ରିମୋଙ୍କ ଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ କହିବେ। ଆଉ ଯଦି ନ୍ୟାୟ ନମିଳିଲା ଗଣମାଧ୍ୟମ ର ସାହାରା ନେବେ। ଏକଥା ପ୍ରଚାର ହେବା ପରେ ସାଂସଦ ଙ୍କ ଝାଳ ନାଳ ବୋହି ଆଣୁଏ। ଗୋଟିଏ ପଟେ ବିଜେଡି ସାଂସଦ ବିଜେପି ଯୋଗାଯୋଗରେ ରହି ଜଣଙ୍କ ପରେ ଜଣେ ଗେରୁଆ ଗାମୁଛା ବେକରେ ପକାଉଛନ୍ତି। ଅନ୍ୟପଟେ ଅଡିଓ ଭାଇରାଲ ହେବା ପରେ ସୁପ୍ରିମୋଙ୍କ ରାଗ କୁଆଡେ ଏବେ ଚରମ ସୀମାରେ। ତେବେ ଦେଖିବାକୁ ବାକି ରହିଲା ନିଜକୁ ଇନୋସେଣ୍ଟ ବୋଲାଉଥିବା ଏହି ବାବୁ, ମହିଳାଙ୍କ କୋପ ରୁ କେମିତି ମୁକ୍ତି ପାଇବେ !

### କଏଦୀଙ୍କ ଟଙ୍କାରେ ଅୟସ କରୁଥିଲେ
## ଭିଜିଲାନ୍ସ ପଞ୍ଝାରେ ଜେଲ ଅଧୀକ୍ଷକ

ଭୁବନେଶ୍ୱର, ୬।୯( ସଂଚାର ବ୍ୟୁରୋ): ଝାରପଡ଼ା ଜେଲରେ ଅପରାଧୀଙ୍କ ରାଜ୍ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଚର୍ଚ୍ଚା ଯୋର୍ ଧରିଥିବା ବେଳେ ଏବେ ସଂପୃକ୍ତ ଜେଲର ଜଣେ ପୂର୍ବତନ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସଂପ୍ରତି କେନ୍ଦୁଝର ଜେଲରେ ଅଧୀକ୍ଷକ ଥିବା ଶ୍ରୀ ସ୍ୱାଇଁଙ୍କ ବିପୁଳ ସଂପତ୍ତି ଠାବ କରିଛି ଭିଜିଲାନ୍ସ ବିଭାଗ।

ବେଆଇନ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର ରେଡ୍ ସମୟରେ ତାଙ୍କର ଓ ତାଙ୍କ ସଂପର୍କୀୟଙ୍କ ନାମରେ ,କାଧିକ ସ୍ଥାନରେ ବିପୁଳ ସଂପତ୍ତି, କୋଠାବାଡ଼ି, ଜମି ଓ ଜାଗା ଥିବା ଜଣାପଡ଼ିଛି। ଭୁବନେଶ୍ୱର ଲକ୍ଷ୍ମୀସାଗରରେ ଦେଢ଼ କୋଟି ମୂଲ୍ୟର ୪ ମହଲା କୋଠା ଠାବ ହେବା ସହ ଭୁବନେଶ୍ୱର, ବଲାଙ୍ଗିର ଓ ଢେଙ୍କାନାଳରେ ୪ ବାସୋପଯୋଗୀ ପ୍ଲଟ୍, ୧୦ ଲକ୍ଷର ଗହଣା, ୬.୨୪ ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଜମା, ଗୋଟିଏ ଚାରି ଚକିଆ ଗାଡ଼ି, ଗୋଟିଏ ବାଇକ୍, ୧୪.୪୬ ଲକ୍ଷର ଆସବାବପତ୍ର ଜବତ କରିଛି ଭିଜିଲାନ୍ସ ।

ସୂଚନା ଅନୁସାରେ, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କ ଘରେ ରେଡ୍ କରିଥିଲା ଭିଜିଲାନ୍ସ । କେନ୍ଦୁଝର ଅଫିସ୍, ବାସଭବନ, ➪ପୃଷ୍ଠା-୬

# ଭିଆର୍‌ଏସ୍ ନେବେ ଅରୁଣ ଷଡଙ୍ଗୀ !




ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ): ନୂଆ ସରକାର ଆସିବା ପରେ ବଡ଼ ଧରଣର ଆଇପିଏସ ପରିବର୍ତ୍ତନ ନେଇ ଯେଉଁ ଆଶଙ୍କା କରାଯାଇଥିଲା ତାହା ବର୍ତ୍ତମାନ ସୁଦ୍ଧା ହୋଇପାରିନାହିଁ । ଆଇନଶୃଙ୍ଖଳା ପରିସ୍ଥିତି ଓ ଭିଆଇପି ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଭିତରେ ୧୯୯୦ ବ୍ୟାଚ ର ଆଇପିଏସ ଯୋଗେଶ ବାହାଦୂର ଖୁରାନିଆଙ୍କୁ ପୋଲିସ ଡିଜି ଭାବେ ଅବସ୍ଥାପିତ କରିଛନ୍ତି ସରକାର । ଏହା ବ୍ୟତୀତ ଜେଲ ଡିଜି ଥିବା ଏ.ଏମ ପ୍ରସାଦ ଡେପୁଟେସନରେ କେନ୍ଦ୍ରକୁ ଚାଲିଯାଇଛନ୍ତି । ଇନଚାର୍ଜ ଭାବେ ଏଡିଜି ଅମିତାଭ ଠାକୁର ସେହି ବିଭାଗ ସମ୍ଭାଳୁଛନ୍ତି।

ଡିଜିପି ଦୌଡ଼ରେ ସର୍ବାଗ୍ରେ ଥିବା ଆଇପିଏସ ବି.ରାଧିକା ସ୍ୱାସ୍ଥ୍ୟଗତ ସମସ୍ୟା କାରଣ ଦେଖାଇ ପୋଲିସ ରିକ୍ରୁଟମେଣ୍ଟ ବୋର୍ଡର ଚେୟାରମ୍ୟାନ ଥିବା ବେଳେ ଗତ ଜାନୁଆରୀ ମାସରୁ ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ସେହିପରି ବିଜେଡି ସରକାର ବେଳେ ତୃତୀୟ ମହଲାର ଗୁଡ଼ବୁକରେ ଠିବା ଡି.ଏସ୍.କୁଟ୍ଟେ , ଆଶିଷ ସିଂ, ରବି କାନ୍ତଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଛନ୍ତି ମୋହନ ସରକାର । ଖୁବଶୀଘ୍ର ଆଇପିଏସ ସ୍ତରରେ ବଡ଼ ଧରଣର ବଦଳି ହେବ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଅରୁଣ ଷଡଙ୍ଗୀ ଏଥିରେ ବାଧକ ସାଜିଥିବା କଥା ଏବେ ପାୱାର୍ କରିଡରରୁ ଶୁଣିବାକୁ ମିଳୁଛି । ଚର୍ଚ୍ଚା ମୁତାବକ ଖୁବଶୀଘ୍ର ସ୍ୱେଚ୍ଛାକୃତ ଅବସର ନେବେ ପୂର୍ବତନ ପୋଲିସ ଡିଜିପି ଅରୁଣ ଷଡଙ୍ଗୀ। ଅବସର କୁ ଆଉ ମାତ୍ର ୧୧ ମାସ ରହିଥିବା ବେଳେ କାର୍ଯ୍ୟକାରୀ ଡିଜି ଥିବା ଅବସ୍ଥାରେ ତାଙ୍କୁ ଯେଉଁଭଳି ପଦରୁ ଅପସାରିତ କରାଗଲା ତାକୁ ନେଇ କୁଆଡେ ଖୁସି ନାହାନ୍ତି ଅରୁଣ । ଅସନ୍ତୁଷ୍ଟ ହେବା ବି ସ୍ୱାଭାବିକ । ତାର କାରଣ ହେଉଛି ଅରୁଣ ଷଡଙ୍ଗୀଙ୍କୁ ସମ ସାମୟିକ ପଦବୀ ଭାବେ ଜେଲ ବିଭାଗ ଡିଜି କିମ୍ବା ଅଗ୍ନିଶମ ଓ ଗୃହରକ୍ଷୀ ଡିଜିପି ଭାବେ ଅବସ୍ଥାପିତ କରାଯାଇଥାନ୍ତା । ଜେଲ ବିଭାଗର ମୁଖିଆ ମଧ୍ୟ ବର୍ତ୍ତମାନ କେହି ନାହାନ୍ତି । କିନ୍ତୁ ଗୃହ ବିଭାଗ ବର୍ତ୍ତମାନ ତାଙ୍କୁ ସ୍ପେଶାଲ ଡିଜି ଭାବେ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ପ୍ରିନ୍ସିପାଲ ଭାବେ ଥଇଥାନ କରୁଥିବା ଖବର ସେ ପାଇବା ପରେ ପଦ ମର୍ଯ୍ୟାଦା ହାନି ➪ପୃଷ୍ଠା-୬

# ଆଧାର-ମୋବାଇଲ ଲିଙ୍କ ବାଧ୍ୟତାମୂଳକ ନୁହେଁ

## ସାମ୍ବାଦିକ ସମ୍ମିଳନୀରେ ମତ ରଖିଲେ ଜିଲ୍ଲାପାଳ



**ମାଲକାନଗିରି, ୬।୯ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାରେ ଆବେଦନ ପ୍ରକ୍ରିୟାର ଆରମ୍ଭ ହୋଇଛି। ଏଥି ନିମନ୍ତେ ଆଧାରରେ ଫୋନ୍ ନମ୍ବର ଲିଙ୍କ୍ ଜରୁରୀ ନୁହେଁ ବୋଲି ଆଜି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୁଭଦ୍ରା ଫର୍ମ ଦାଖଲ କରିବା ପାଇଁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ୍ ହୋଇନଥିଲେ ମଧ୍ୟ ମୁହଁ କିମ୍ବା ଟିପର ପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରାମାଣିକ କରଣ କରାଯାଇ ପାରିବ। ତେଣୁ ଆବେଦନକାରୀ ସୁଭଦ୍ରା ଯୋଜନାରେ ଲାଭ ଉଠାଇବାକୁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ କରିବାକୁ ବ୍ୟସ୍ତ ନହୋଇ ବିନା ମୋବାଇଲ ନମ୍ବରରେ ଲିଙ୍କରେ ଆବେଦନ କରି ପାରିବେ।

ଆହୁରି ମଧ୍ୟ ସୂଚନା ଦିଆଯାଇଛି ଯେ ଆବେଦନ ନିମନ୍ତେ ଅନ୍ତିମ ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ। ଏଣୁ ଆବେଦନକାରୀ ଯେ କୌଣସି ସମୟରେ ନିକଟସ୍ଥ ସେବା କେନ୍ଦ୍ରରେ ଆବେଦନ କରି ପାରିବେ। ୨୧ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ ହୋଇଥିବା ମହିଳା ଏହି ଯୋଜନାରେ ଆବେଦନ କରି ପାରିବେ। ଆବେଦନ ଫର୍ମ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। ସେହିପରି ବିନା ମୂଲ୍ୟରେ ସେବା କେନ୍ଦ୍ରରେ ଫର୍ମ ପୂରଣ ଓ ପଞ୍ଜିକରଣ କରାଯାଉଛି। ଆବେଦନକାରୀ ନିଜର ଆଧାର ସହ ବ୍ୟାଙ୍କ୍ ଲିଙ୍କେଜ୍ କରିବା ଆବଶ୍ୟକ। ପ୍ରତ୍ୟେକ ବ୍ଲକ ଓ ସହରାଞ୍ଚଳରେ ଆଧାର ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ବଣ୍ଡା ଓ ଦିଦାୟୀ ଜନଜାତି ମହିଳାଙ୍କ ନିମନ୍ତେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମଧ୍ୟରେ ସଚେତନତା ନିମନ୍ତେ ୭ ସେପ୍ଟେମ୍ବରରେ ସୁଭଦ୍ରା ରଥର ଶୁଭାରମ୍ଭ କରାଯିବ। ଜିଲ୍ଲାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଫର୍ମ ବଣ୍ଟନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ଆବେଦନ ପରେ ବ୍ଲକ ସ୍ତରୀୟ ଯାଞ୍ଚ୍ ପରେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁବିଧା ପାଇବେ।

# ପଦବୀ ଫେରିପାଇଲେ ନିଲମ୍ବିତ ସରପଞ୍ଚ

**ଭେଡେନ, ୬।୯ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ମହୁଲପାଲି ପଞ୍ଚାୟତର ସରପଞ୍ଚ ବିଜୟ କର୍ମୀ ବିଜୟ କର୍ମୀକୁ ଓଡିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ଧାରା ୧୧୫ (୨) ଅନୁଯାୟୀ ନିଲମ୍ବନ କରାଯାଇଥିଲା। ଏଥିସହିତ ତାଙ୍କୁ ବିଭାଗ ତରଫରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପରବର୍ତ୍ତୀ ସମୟରେ ସରପଞ୍ଚ ନିଜ ଦରଖାସ୍ତ ଜରିଆରେ ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀଙ୍କୁ ପୁନର୍ବାର ସରପଞ୍ଚ ପଦରେ ଅବସ୍ଥାପିତ କରିବା ପାଇଁ ମାନ୍ୟବର ମନ୍ତ୍ରୀଙ୍କ ନିକଟରେ ଏକ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ମାନ୍ୟବର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନିର୍ଦ୍ଦେଶକ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ଶୁଣାଣି କରାଯାଇଥିଲା। ଶୁଣାଣି ସମୟରେ ଶ୍ରୀ ବିଜୟ କର୍ମୀଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ କାଗଜପତ୍ରର ଯାଞ୍ଚ କରାଗଲା ଏବଂ ଆଇନର ପ୍ରାବଧାନ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀ ବିଜୟ କର୍ମୀଙ୍କ ବିରୁଦ୍ଧରେ କୌଣସି ଗଣବିରୋଧୀ ତଥା ଗୁରୁତର ଅପରାଧିକ ଦୋଷ ପ୍ରମାଣିତ ହୋଇପାରିଲାନାହିଁ । ଶ୍ରୀ ବିଜୟ କର୍ମୀଙ୍କୁ ପୁନର୍ବାର ମହୁଲପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଭାବେ ଅବସ୍ଥାପିତ କରିବା ପାଇଁ ପଂଚାୟତରାଜ ବିଭାଗ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ବିଜୟ କର୍ମୀ ଆଜି ଶୁକ୍ରବାର ଅପରାହ୍ନ ସାଢେ ତିନିଟା ସମୟରେ ସେ ସରପଞ୍ଚ ପଦବୀ ଫେରିପାଇବା ସହ ତାଙ୍କ ଚୌକିରେ ବସିଛନ୍ତି। ଏହି ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀଣୀ କୁନ୍ତି ଭୋଇ, ନାଏବ ସରପଂଚ ଅହଲ୍ୟା ସେଠ, ଏଡ଼ିଇଓ ଭୈରଭ ବାରିକ, ପୂର୍ବତନ ସରପଂଚ କାମାକ୍ଷୀ ପ୍ରସାଦ ଭୋଇ ଓ ମହୁଲପାଲି ପଂଚାୟତର ଭଦ୍ରବ୍ୟକ୍ତି ଉପସ୍ତିତ ଥିଲେ।



## ଘସିପୁରା ବ୍ଲକରେ ଏବେବି ନବୀନ ମୁଖ୍ୟମନ୍ତ୍ରୀ!

# ଅନ୍ଧାରୀ ବିଜେ କରୁଛନ୍ତି ବିଜେଡି ନେତା

**ଆନନ୍ଦପୁର, ୬।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର ବଦଳିବାର ତିନିମାସ ହେଲାଣି ହେଲେ ଘସିପୁରା ବ୍ଲକରେ ବିଜେଡ଼ି ସରକାର ଏବେବି ବଦଳି ନଥିବା ଭଳି ପରିଲକ୍ଷିତ ହୋଇଛି। କାର୍ଯ୍ୟାଳୟର ସମସ୍ତ ବିଭାଗରେ ପୂର୍ବ ବିଜେଡି ସରକାରଙ୍କ ପ୍ରଭାବ ଏବେବି ରହିଥିବା ଅଭିଯୋଗ ହୋଇଛି। ବ୍ଲକ ମିଟିଂ ହଲକୁ ପ୍ରବେଶ କରିବା ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ମନରେଗା ହୋର୍ଡିଂ ଏବେବି ଲାଗିଛି। ସୂଚନାଯୋଗ୍ୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେନ୍ଦୁଝର ଜିଲ୍ଲାରେ ଘସିପୁରା ବ୍ଲକରେ ସର୍ବାଧିକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଆସୁଛି। ଏହି ଦୁର୍ନୀତିରେ ତଳଠାରୁ ଉପର ପର୍ଯ୍ୟନ୍ତ ସମସ୍ତେ ସାମିଲ ରହିଥିବାରୁ ଏହାର କୌଣସି ତଦନ୍ତ ହେଉନାହିଁ। ସେହିପରି ବ୍ଲକ କାର୍ଯ୍ୟାଳୟକୁ ଏବେବି ବିଜେଡ଼ି ନେତାଙ୍କ ଅନ୍ଧାରୀ ବିଜେ ଲାଗିରହିଛି। ରାତିରେ କାର୍ଯ୍ୟାଳୟ ପରିସରରେ ବିଜେଡ଼ି ନେତାଙ୍କ ସହିତ ବିଡ଼ିଓଙ୍କ ଠାରୁ ଆରମ୍ଭ କରି ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଗୁପ୍ତ ବୈଠକ ଅନୁଷ୍ଠିତ ହେଉଥିବାବେଳେ ଦୁର୍ନୀତିର ଚିଠା ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହେଉଛି। ବ୍ଲକରେ ପିଡ଼ିଏସ୍ ବଣ୍ଟନରେ ସାଂଘାତିକ କେଳେଙ୍କାରୀ ହୋଇଥିବା ବେଳେ ଯୋଗ୍ୟ ଅନ୍ତ୍ୟୋଦୟ ରାସନ କାର୍ଡ ଗୁଡ଼ିକୁ ବାତିଲ କରାଯାଉନାହିଁ। ଏପରିକି ମଲାଲୋକ ନାମରେ ଚାଉଳକୁ ଫେରସ୍ତ ଆଣିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାବେଳେ ଡିଲର ମାନଙ୍କୁ ସୁରକ୍ଷା ଦେବା ପାଇଁ ଷଡଯନ୍ତ୍ର ଚାଲିଥିବା ନେଇ ଆଲୋଚନା ହେଉଛି। ବ୍ଲକର ସମସ୍ତ ବୈଠକରେ ସରପଞ୍ଚ ଓ ସମିତିସଭ୍ୟଙ୍କ ବଦଳରେ ସେମାନଙ୍କ ସ୍ୱାମୀମାନେ ଉପସ୍ଥିତ ରହି ପରିଚାଳନା କରୁଥିବା ବେଳେ ବିଡ଼ିଓ ସବୁଜାଣି ମଧ୍ୟ ଚୁପ୍ ରହିବା ନେଇ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି।



# ଅକ୍ଟୋବର ୫ ଓ ୬ରେ କଣ୍ଟେଶ୍ୱରୀ ହାଇସ୍କୁଲର ଶତବାର୍ଷିକ ସମାରୋହ



**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଶାଳିଅଞ୍ଚର କଣ୍ଟେଶ୍ୱରୀ ଉନ୍ନୀତ ୟୁଜିୟୁପି ବିଦ୍ୟାଳୟର ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଆସନ୍ତା ଅକ୍ଟୋବର ୫ ଏବଂ ୬ ତାରିଖ ଦୁଇଦିନ ଧରି ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରର ବାୟାବାବା ମଠର ନିକଟ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି । ରାଜକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ବିଦ୍ୟାଳୟର ପରିସରରେ ତିନିଜଣ ପୂର୍ବତନ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେବ । ଏଥିସହିତ ଏକ ପ୍ରାଣୀ ଚିକିତ୍ସା ଶିବିର ଆୟୋଜିତ ହେବ । ଏହି ଅବସରରେ ବିଦ୍ୟାଳୟ ସଂପର୍କରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ ପାଇବ । ବୃକ୍ଷରୋପଣ କରାଯିବା ସହିତ ବିଭିନ୍ନ ଉଲ୍ଲେଖନୀୟ କ୍ଷେତ୍ରରେ ସଫଳତା ପାଇଁ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ । ଶାଳିଅଞ୍ଚି ନିବାସୀ ଲଣ୍ଡନରେ ଅବସ୍ଥାପିତ ସ୍ୱନାମଧନ୍ୟ ଡାକ୍ତର ସହଦେବ ସ୍ୱାଇଁ ଏହି ସମାରୋହରେ ଯୋଗଦେବେ । ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଏକ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଛି । ପୀତାମ୍ବର ପରିଡା, ପାଣ୍ଡବ ପ୍ରଧାନ, ପଞ୍ଚାନନ ସ୍ୱାଇଁ, ଚତୁର୍ଭୁଜ ରାଉତ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ହୃଦାନନ୍ଦ ମଲ୍ଲିକ, ଗୋଲେଖ ସିଂହ, ଗୁଣଧର ସାମଲ ଏବଂ ହିମାଂଶୁ ଶେଖର ରାଉତ ଏହି କମିଟିରେ ରହିଛନ୍ତି । ଆରମ୍ଭରେ କମିଟିର ବରିଷ୍ଠ କର୍ମକର୍ତ୍ତା ସଂଜୟ ମଲ୍ଲିକ (ଟିଟୁ)ଙ୍କ ପାଇଁ ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ କଟକ, ଭୁବନେଶ୍ୱରରେ ରହୁଥିବା ବ୍ୟକ୍ତିମାନେ ଯୋଗଦେଇଥିବା ବେଳେ ଶାଳିଅଞ୍ଚରୁ ବହୁ ବ୍ୟକ୍ତି ସାମିଲ ହୋଇଥିଲେ ।

# ଆଧାର ସହ ମୋବାଇଲ ସଂଯୋଗ ନଥିଲେ ବି 'ସୁଭଦ୍ରା' ପାଇଁ ଆବେଦନ ହେବ

**ଭବାନୀପାଟଣା, ୬।୯ (ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନା ପଞ୍ଜିକରଣ ପାଇଁ ଆଧାର ସହ ମୋବାଇଲ ନମ୍ବର ସଂଯୋଗ ବାଧ୍ୟତା ନୁହେଁ। ଏହା ପରିବର୍ତ୍ତେ ହିତାଧିକାରୀଙ୍କ ଆଙ୍ଗୁଠି ଛାପ ଓ ଆଖି ସ୍କାନରର ସାହାଯ୍ୟ ନିଆଯାଇ ପାରିବ! ଏଥିସହ ଆଗାମୀ ୧୭ତାରିଖ ଦିନ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ ପରେ ମଧ୍ୟ ଅନ୍ୟ ହିତାଧିକାରୀଙ୍କ ପଞ୍ଜିକରଣ ହୋଇ ପାରିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ ଏହି ପର୍ଯ୍ୟନ୍ତ ୩୫୩ ଗୋଟି ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ୭ ଲକ୍ଷ ସୁଭଦ୍ରା ଯୋଜନା ଫର୍ମ ବିତରଣ କରାଯାଇଥିବା ବେଳେ କଳାହାଣ୍ଡିରେ ପ୍ରାୟ ୬.୫ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲ୍ଲାର ୧୬୬୪ଟି ଜନସେବାକେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ସୁଭଦ୍ରା ଯୋଜନାର ପଞ୍ଜିକରଣ କରିବା ପାଇଁ ବ୍ୟବସ୍ଥା ରହିଥିବା ବେଳେ ୧୧୧ଟି ଆଧାର କେନ୍ଦ୍ରରେ ଆଧାର ଗୁଡିକ ସଂଶୋଧନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ୭ ତାରିଖ ଦିନ ଠାରୁ କଳାହାଣ୍ଡି ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସୁଭଦ୍ରା ରଥ ପରିକ୍ରମା କରି ଏହି ଯୋଜନା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇ ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ଯେପରି ସାମିଲ ହେବେ ସେଥିପାଇଁ ଗୁରୁତ୍ୱ ଦିଆଯାଉଛି।

## ଅଙ୍ଗନୱାଡି ସହାୟିକା ଚୟନକୁ ନେଇ ଉତ୍ତେଜନା

# ଗେଟ୍‌ରେ ତାଲା ପକାଇଲେ ଗ୍ରାମବାସୀ



**ସୁନ୍ଦରଗଡ, ୬।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଘଣ୍ଟିବୁଡ ଗ୍ରାମର ଚମ୍ପାପଡା ଠାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ସହାୟିକା ପଦବି ଚୟନକୁ ନେଇ ଗ୍ରାମବାସୀମାନେ ଅଙ୍ଗନୱାଡ଼ି ଗେଟ୍‌ରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାସନ ପକ୍ଷରୁ କରାଯାଇଥିବା ଚୟନର ସଠିକ୍ ଉତ୍ତର ନ ମିଳିବା ପର୍ଯ୍ୟନ୍ତ ଗେଟ୍ ବନ୍ଦ ରହିବ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ କିଛିଦିନ ତଳେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ଗ୍ରାମର ୫ ଜଣ ଅନଲାଇନ ଫର୍ମ ଦାଖଲ କରିଥିଲେ । ସେଥିମଧ୍ୟରୁ ଗ୍ରାମର ଜଣେ ବୋହୂ କୁନ୍ତଳା କିଶାନକୁ ଚୟନ କରିଥିଲା ବିଭାଗ, ତେବେ ଚାକିରି ପାଇଥିବା ମହିଳାଙ୍କ ବଦଳରେ ଅନ୍ୟ ଜଣେ ମହିଳା ଝରଣା କିଶାନ ଚାକିରି ପାଇବା ଉଚିତ୍ କହି ଉପଜିଲ୍ଲାପାଳ ତଥା ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣାଇଥିଲେ ଗ୍ରାମବାସୀ। ତେବେ ପ୍ରଶାସନ ପକ୍ଷରୁ କୌଣସି ଉତ୍ତର ନ ମିଳିବାରୁ ଆଜି ଅଙ୍ଗନ୍ୱାଡ଼ି କେନ୍ଦ୍ର ଗେଟ୍‌ରେ ତାଲା ମାରି ଧାରଣାରେ ବସିଥିଲେ ଗ୍ରାମବାସୀ। ଅନ୍ୟପଟେ ସୁନ୍ଦରଗଡ ସିଡିପିଓଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରି ପଚାରିବାରୁ ଚୟନ ପ୍ରକ୍ରିୟା ସଠିକ୍ ଭାବରେ ହୋଇଛି ବୋଲି କହିଥିଲେ ।

# ଗଣେଶ ପୂଜା ଭସାଣିରେ ଡିଜେ ମନା

**ବଲାଙ୍ଗିର, ୬।୯ (ସଂଚାର ବ୍ୟୁରୋ):** ଆସନ୍ତା ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକରେ ଡିଜେ ବାରଣ କରାଯାଇଛି । ପୂଜା ପ୍ରକ୍ରିୟା ଆରମ୍ଭରୁ ଶେଷ ଯାଏଁ ଏହାକୁ ବାରଣ କରାଯାଇଛି । ଅଧିକରୁ ଅଧିକ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପଦକ୍ଷେପ ନିଆ ଯାଉଛି । ଜିଲ୍ଲାପାଳଙ୍କ ଏହି ଅର୍ଡର ପୂଜା ପ୍ରକ୍ରିୟା ଶେଷ ହେବା ଯାଏଁ ବଳବତ୍ତର ରହିବ । ଭସାଣି, ସଙ୍ଗୀତ ନାଇଟ ସମସ୍ତ କାର୍ଯ୍ୟକ୍ରମରେ ଏହା ବନ୍ଦ ରହିବ । ଉଚ୍ଚ ଶବ୍ଦ ଛୋଟ ଛୁଆ , ପଶୁ ପକ୍ଷୀ, ବୃଦ୍ଧବୃଦ୍ଧା, ମହିଳା ଙ୍କ ସ୍ୱାସ୍ଥ୍ୟ ପକ୍ଷେ ଅହିତକର। ବିଭିନ୍ନ ପୂଜା କମିଟିର ସଦସ୍ୟ, ପୋଲିସ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ କିଭଳି ସୁରୁଖୁରୁରେ ଗଣେଶ ପୂଜା ଆୟୋଜିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେପ୍ଟେମ୍ବର ୭ ତାରିଖ ଦିନ ପାଳନ ହେବାକୁ ଥିବା ଗଣେଶ ପୂଜା ଲାଗି ବଲାଙ୍ଗିର ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଆଇନଶୃଙ୍ଖଳା ଏବଂ ଟ୍ରାଫିକ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲୁପ୍ରିଂଟ ତିଆରି କରାଯାଇଛି । ସ୍ଥାନୀୟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ସମସ୍ତ କଟକଣାକୁ ମଧ୍ୟ ପୂଜା କମିଟିମାନଙ୍କୁ ମାନିବାକୁ ପଡିବ। ସରକାରୀ ନିୟମାବଳୀର କିଭଳି ପାଳନ ହୋଇପାରିବ ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ ପୂଜା କମିଟିମାନେ ନେବେ । ସମସ୍ତ ନୀତି ନିୟମ ମଧ୍ୟରେ ରହି ଗଣେଶ ପୂଜା ପାଳନ ନିମନ୍ତେ ଉପସ୍ଥିତ ପୂଜା କମିଟି ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ ।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଗୁରୁଦିବସ ପାଳିତ

**ରାଜନଗର, ୬।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ଅଗ୍ରଣୀ କଳା ପ୍ରତିଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା କବି ଶତ୍ରୁଘନ ତରାଇଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ବିକ୍ରମାଦିତ୍ୟ ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ଗୁରୁବନ୍ଦନା ଗାନ କରାଯାଇଥିଲା। ଏହି ଅବସରରେ ସଂଗୀତ ଗୁରୁ ମନୋଜ ଦାସ, ବାଦ୍ୟଗୁରୁ ବାଲ୍ମିକୀ ଜେନା, ଚିତ୍ରଗୁରୁ ମଳୟ ମହାନ୍ତି, ନୃତ୍ୟଗୁରୁ ବିଶ୍ୱମୋହିନୀ ଦାସଙ୍କୁ ପୂଜାର୍ଚ୍ଚନା କରାଯାଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଘନଶ୍ୟାମ ମିଶ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଶିକ୍ଷୟିତ୍ରୀ ସୁରମା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦେବରତି ରାଉତ, ନମିତା ରାଉତ, ସୁଶ୍ରୀ ସଂଗୀତା ସାମଲ, ନିହାର ରଂଜନ ରାଉତ, ବିଶ୍ୱଜିତ କୁଣ୍ଡ, ଚିଦାନନ୍ଦ ରାଉତ, ଯାଜ୍ଞସେନୀ ସେଠୀ, ମାଧବାନନ୍ଦ ସେଠୀ, ପଦ୍ମଳୟା ପଣ୍ଡା, ଲକ୍ଷ୍ମୀପ୍ରିୟା ଦାସ, ବିଷ୍ଣୁପ୍ରିୟା ବରାଳ, ସୋନି ଘଡାଇ, ଶୁଭଶ୍ରୀ ପାଢ଼ୀ, ଅଲିଭା ବିଶ୍ୱାଳ, ଅର୍ଚ୍ଚିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ସଚିନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦଳା ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଉଦଳା, ୬।୯ (ସଂଚାର ବ୍ୟୁରୋ):** ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠାର ୬୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୦୨୫ ମସିହାରେ ହୀରକ ଜୟନ୍ତୀ ପାଳନ କରିବା ପାଇଁ ଉଦଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ: ଯତୀନ କୁମାର ମାହାକୁଡ ଙ୍କ ସଭାପତିତ୍ୱରେ ପୁରାତନ ଛାତ୍ର ସଂଘର ସଂଯୋଜକ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶଙ୍କ ଆବାହକତ୍ୱରେ ପୁରାତନ ଛାତ୍ର ସଂଘର ସଭାପତି ଡ: ସଚ୍ଚିଦାନନ୍ଦ ପରିଡା, ଅଜୟ କୁମାର ବେହେରା, ଜୟଗୋପାଳ ରାୟ, ଶରତ ଚନ୍ଦ୍ର ଦାସ, ନାରାୟଣ ପଟ୍ଟନାୟକ, ପ୍ରହଲ୍ଲାଦ ଦାସ, ଚିତ୍ତରଞ୍ଜନ ବାରିକ ଇତ୍ୟାଦି ଙ୍କ ଉପସ୍ଥିତି ରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୨୦୨୫ ମସିହା ନଭେମ୍ବର ମାସରେ ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ଆପାତତଃ ସ୍ଥିର କରାଯାଇଅଛି । ମହାମହିମା ରାଷ୍ଟ୍ରପତିଙ୍କୁ ଅତିଥି ଭାବରେ ଆମ ମହାବିଦ୍ୟାଳୟକୁ ଆଣିବା ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ପାଇଁ ସ୍ଥିର କରାଯାଇଅଛି । ଆସନ୍ତା ୨୬ ତାରିଖରେ ମହାବିଦ୍ୟାଳୟ ପରିସରରେ ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ବୈଠକ ଅନୁଷ୍ଠିତ କରିବାକୁ ସ୍ଥିର କରାଯାଇଅଛି । ଏହି ସଭାରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ, ଅବସର ପ୍ରାପ୍ତ ଅଧ୍ୟାପକ, କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧି ଯୋଗଦେବାକୁ ଅନୁରୋଧ କରାଯାଇଛି।



## ଏମ୍‌ଆର୍‌ପି ଠାରୁ ଅଧିକ ଦାମ୍‌ରେ ମଦ ବିକ୍ରି

# ସୂଚନା ପାଇବ ବି ଅବକାରୀ ବିଭାଗ ଚୁପ୍

**ଯାଜପୁର, ୬।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧ରୁ ରାଜ୍ୟ ସରକାର ମଦ ମୂଲ୍ୟ ରେ ପରିବର୍ତ୍ତନ କରିଛନ୍ତି। ନୂତନ ଅବକାରୀ ନୀତି ଅନୁଯାୟୀ ଏବେ ପୂର୍ବ ରେଟ୍ ଠାରୁ ମଦ ର ମୂଲ୍ୟ ଏବେ ବର୍ଦ୍ଧିତ କରାଯାଇଅଛି। କିନ୍ତୁ ପୁରୁଣା ପ୍ରିଣ୍ଟ ଥିବା ମଦ ଉପରେ ବ୍ୟବସାୟୀ ଅଧିକ ଟଙ୍କା ନେଉଥିବା ଅଭିଯୋଗ ଆସିଛି ଏନେଇ ଜିଲ୍ଲା ଅବକାରୀ ବିଭାଗର ଅବଗତ ହେଲା ପରେ ବି ଚୁପ୍ ବସିଛି।

ଯାଜପୁର ଜିଲ୍ଲାରେ ଥିବା ମଦ ଦୋକାନ ଗୁଡିକରେ ଗ୍ରାହକମାନଙ୍କୁ ବ୍ୟବସାୟୀ କିଣା ବିଲରେ ଅଧିକ ଟଙ୍କା ଦାବି କରିବାରୁ କିଛି ସ୍ଥାନରେ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କାରଣ ଗ୍ରାହକମାନଙ୍କ ଠାରୁ ଏମଆରପି ଠାରୁ ଅଧିକ ମୂଲ୍ୟ ଦାବି କରାଯିବାରୁ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଓଡିଶା ଷ୍ଟେଟ୍ ବିଭରେଜ କରପୋରେସନ ଲିମିଟେଡ ପକ୍ଷରୁ ଚିଠି ନଂ ୧୦୪୭/୨୨୫୩/୩୧.୮.୨୦୨୪ ଅନୁସାରେ ସେପ୍ଟେମ୍ବର ୧ ତାରିଖରୁ ନୂଆ ମୂଲ୍ୟରେ ମଦ ବ୍ୟବସାୟ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ପହିଲା ପରେ ବହୁ ବ୍ୟବସାୟୀ ପୁରୁଣା ମୂଲ୍ୟରେ ବିକ୍ରି କରୁଥିବା ବେଳେ ଗତକାଲି ଠାରୁ ନୂଆ ମୂଲ୍ୟ ଦାବି କରିବାରୁ ଗ୍ରାହକମାନେ ଅସନ୍ତୋଷ ହୋଇଛନ୍ତି। ଗ୍ରାହକଙ୍କ ସୂଚନା ପାଇଁ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ବେଳେ ଗତକାଲିର ଉତ୍ତେଜନା ପରେ ଆଜି ସକାଳୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ବାର ଓ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସରକାରଙ୍କ ନୂତନ ବିଜ୍ଞପ୍ତିକୁ ଝୁଲାଇଛନ୍ତି।ତେବେ ନୂଆ ନିୟମକୁ ସପ୍ତାହେ ବିତିଥିଲେ ମଧ୍ୟ ଯାଜପୁର ଅବକାରୀ ବିଭାଗର ନୀରବତା ଓ ଖାମଖିଆଲି ଯୋଗୁ ସପ୍ତାହେ ହେବ ଦୋକାନ କାଉଣ୍ଟର ପାଖରେ ସରକାରୀ ନୋଟିସ ପହଞ୍ଚିପାରିନଥିଲା। ତେବେ ଏନେଇ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା କହିଛନ୍ତି ସରକାରୀ ନିଷ୍ପତ୍ତି ଅନୁସାରେ ମୂଲ୍ୟ ଗ୍ରହଣ କରାଯାଉଛି। ଯଦି ମଦ ନୀତିକୁ ଖିଲାପ କରି କେହି ବର୍ଦ୍ଧିତ ମୂଲ୍ୟରେ ବିକ୍ରି କରୁଥାଏ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ମା' ତାରାତାରିଣୀ କର୍ମକର୍ତ୍ତା ବୈଠକ

**ବ୍ରହ୍ମପୁର, ୬।୯ (ସଂଚାର ବ୍ୟୁରୋ):** ତାରାତାରିଣୀ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନଙ୍କ ବୈଠକ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ଅଧ୍ୟକ୍ଷତାରେ ଦକ୍ଷିଣାଞ୍ଚଳ ଆୟୁକ୍ତଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପାଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ । ମନ୍ଦିର ସୁପରିଚାଳନା ସହ ଉନ୍ନୟନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସୁବିସ୍ତୃତ ଆଲେଚନା କରାଯାଇଥିଲା । ମା' ଙ୍କ ପୀଠକୁ ଏକ ଆଦର୍ଶ ଆଧ୍ୟାତ୍ମିକ ଶ୍ରେଷ୍ଠ ଶକ୍ତିପୀଠ ଭାବେ ଗଢି ତୋଳିବା ପାଇଁ ଅଧ୍ୟକ୍ଷ ମହୋଦୟା ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପୂର୍ତ୍ତ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଠାରେ ଚାଲିଥିବା ନିର୍ମାଣ ଓ ଅନ୍ୟାନ୍ୟ କାମ ଯଥା ସମ୍ଭବ ଶୀଘ୍ର ସଂପୂର୍ଣ୍ଣ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ, ଛତ୍ରପୁର ଉପ ଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ତହସିଲଦାର ଲୋପାମୁଦ୍ରା ରଥ, ଉନ୍ନୟନ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଟି କେ ରେଡ୍ଡୀ ଅନୁପସ୍ଥିତ ଥିଲେ । ଶ୍ରୀ ରେଡ୍ଡୀ ସୂଚନା ପାଇନଥିବା କହିଛନ୍ତି ।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ



**ବଲାଙ୍ଗିର, ୬।୯ (ସଂଚାର ବ୍ୟୁରୋ):** ମାନ୍ୟବର ପ୍ରଧାନମନ୍ତ୍ରୀ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ସମଗ୍ର ବଲାଙ୍ଗିର ଜିଲ୍ଲାରେ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଣୁ ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ରୂପାୟନ ସମ୍ପର୍କିତ ବିଶଦ ସୂଚନା ସମସ୍ତ ଜନସାଧାରଣଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଗୌରଡ୍ ଶିୱାଜୀ ଇସଲୱାର ଆଜି କଲେକ୍ଟରେଟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏ ବାବଦରେ ସୂଚନା ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ୫୦,୦୦୦ ଟଙ୍କାର ସହାୟତା ରାଶି ପ୍ରତି ବର୍ଷରେ ୧୦ ହଜାର କରି ୫ ବର୍ଷରେ ପାଇବେ । ପ୍ରତି ବର୍ଷ ୨ଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ୧୦ ହଜାର ଟଙ୍କା ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ପ୍ରେରଣ କରାଯିବ । ସେହିପରି ଯୋଗ୍ୟ ହିତାଧିକାରୀମାନେ ନିଜ ଆଧାର କାର୍ଡ, ମୋବାଇଲ ନମ୍ବର ଓ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ସମସ୍ତ ଦରକାରୀ କାଗଜପତ୍ର ନେଇ ଚିହ୍ନଟ ହୋଇଥିବା ନିକଟସ୍ଥ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର ଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜିକରଣ କରିପାରିବେ । ନିଷ୍କ୍ରିୟ ଥିବା ଆଧାର କାର୍ଡ ଗୁଡିକରେ ଆବଶ୍ୟକ ପରିବର୍ତ୍ତନ କରିବା ପାଇଁ ଆଧାର କେନ୍ଦ୍ର ଚିହ୍ନଟ କରାଯାଇଛି। 'ସୁଭଦ୍ରା' ଫର୍ମ ଦାଖଲ କରିବା ପାଇଁ ଆଧାର ମୋବାଇଲ୍ ନମ୍ବର ସହିତ ଲିଙ୍କ୍ ହୋଇନଥିଲେ ମଧ୍ୟ ମୁହଁ କିମ୍ବା ଟିପର ପ୍ରିଣ୍ଟ ସ୍କାନିଂ ମାଧ୍ୟମରେ ଆଧାର ପ୍ରାମାଣିକରଣ କରାଯାଇପାରିବ। ତେଣୁ, 'ସୁଭଦ୍ରା' ଫର୍ମ ଦାଖଲ ପାଇଁ ମୋବାଇଲ୍ ନମ୍ବରଗୁଡ଼ିକୁ ଆଧାର ସହିତ ଲିଙ୍କ୍ କରିବାକୁ ବ୍ୟସ୍ତ ହୋଇ ଗହଳି ନକରି ବିନା ଫୋନ ନମ୍ବର ଲିଙ୍କରେ ମଧ୍ୟ ଆବେଦନ ପତ୍ର ପୂରଣ କରି ଦାଖଲ କରିବାକୁ ସୂଚନା ଦିଆ ଯାଇଥିଲା। କୌଣସି ଅସୁବିଧାର ସମ୍ମୁଖୀନ ହେଉଥିଲେ ସେମାନେ ଦେୟ ମୁକ୍ତ ୧୪୬୭୮ ନମ୍ବର ରେ କଥା ହେଇ ଅଭିଯୋଗର ସମାଧାନ କରିପାରିବେ ।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ଦିବସ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ରାଇଘର, ୬।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଜି ୨୯ ତମ ପ୍ରତିଷ୍ଠାତା ଦିବସ ପାଳିତ ହୋଇଯାଇଛି। ଏଥିସହିତ ଗୁରୁ ଦିବସକୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମରେ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ ଶିକ୍ଷୟତ୍ରୀ ମନୋରମା ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧିତ ସଭାର ଆୟୋଜନ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବଲ୍ଲଭ ରାଉତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ଏକାଡେମିର ସଦସ୍ୟ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନୀୟ ଅତିଥି ଭାବେ ସ୍ଥାନୀୟ କଲେଜ ଅଧ୍ୟକ୍ଷ ପରୀକ୍ଷିତ ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଶରତ ଚନ୍ଦ୍ର ବାରିକ, ଶିକ୍ଷା ଅନୁଷ୍ଠାନର ସମ୍ପାଦିକା ପ୍ରଲିଭା ଭୂୟାଁ , ସନ୍ତୋଷ କୁମାର, ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ମଂଚାସୀନ ଥିଲେ । ଏହି ଅନୁଷ୍ଠାନର ୨୯ତମ ପ୍ରତିଷ୍ଠାତା ଦିବସ ଏବଂ ଗୁରୁ ଦିବସ ଅବସରରେ କିଛି ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସାମ୍ବାଦିକ ଓ କବି ଓ କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପା ଭାଇ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଶାନ୍ତି ଶୃଙ୍ଖଳାରେ ସୁଭଦ୍ରା ଯୋଜନା ଆବେଦନ କରନ୍ତୁ



**ନୟାଗଡ଼, ୬।୯ (ସଂଚାର ବ୍ୟୁରୋ):** ମହିଳା ସଶକ୍ତି କରଣ ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ସୁଭଦ୍ରା ଯୋଜନାରେ ଅଧର୍ଯ୍ୟ ନହୋଇ ଶାନ୍ତି ଶୃଙ୍ଖଳାରେ ଆବେଦନ କରିବାକୁ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସାମ୍ବାଦିକ ସମ୍ମିଳନୀ ଜରିଆରେ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲାରେ ୩ ଲକ୍ଷ ୪୮ ହଜାର ମହିଳା ସାମିଲ ହେବାକୁ ଲକ୍ଷ ଧାର୍ଯ୍ୟ କରାଯାଇଛି । ଜିଲ୍ଲାର ୧୫୪୮ ଅଙ୍ଗନବାଡ଼ି କେନ୍ଦ୍ର, ୪୬୩ ସିଏସସି, ୩୪୬ ମୋ ସେବା କେନ୍ଦ୍ର ମାଧ୍ୟମରେ ଆବେଦନ ବ୍ୟବସ୍ଥା ହୋଇଛି । ମହିଳାଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା କରିବାକୁ ବିଡିଓଙ୍କୁ ପରାମର୍ଶ ଦିଆଯାଇଛି । ବ୍ୟାଙ୍କ ଖାତାରେ ଆଧାର ଲିଙ୍କ ପାଇଁ ସମସ୍ତ ବ୍ୟାଙ୍କକୁ ସହଯୋଗ କରିବାକୁ କୁହାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସୁଭଦ୍ରା ସମ୍ପର୍କିତ ସେବା ଓ ସହାୟତା ନିମନ୍ତେ ଜିଲ୍ଲାର ୮ ଗୋଟି ଶିଶୁ ବିକାଶ ପ୍ରକଳ୍ପ "ହେଲ୍ପ ଡେସ୍କ" ର ବ୍ୟବସ୍ଥା କରାଯାଇଛି ଓ ଅଭିଯୋଗ ଶୁଣାଣି ନିମନ୍ତେ ଜିଲ୍ଲା ଅଫିସରେ ଏକ ସୁଭଦ୍ରା ସେଲ ଗଠନ କରି ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଅଭିଯୋଗ ସମାଧାନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଆବେଦନ ଯେକୌଣସି ସମୟରେ କରି ପାରିବେ, ଆଦୌ ତରବରିଆ ନହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ଅବସରପ୍ରାପ୍ତ ଗୁରୁଙ୍କ ବିୟୋଗ

**କଣାସ, ୬।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ବକୁ ଗ୍ରାମପାୟତର ଶ୍ରୀମକୁନ୍ଦପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅବସର ପ୍ରାପ୍ତ ସୁନାମଧନ୍ୟ ଗୁରୁ ଅନନ୍ତ ପ୍ରସାଦ ବାରିକ ୮୬ବର୍ଷଙ୍କର ଗତକାଲି ପରଲୋକ ହୋଇଯାଇଛି। ତାଙ୍କର ପୁତ୍ର ନ ଥିବାରୁ ନାତି ରଜତ କୁମାର ବାରିକ ମୁଖାଅଗ୍ନି ଦେଇଥିଲେ। ଗ୍ରାମ୍ୟ ସଶ୍ମାନରେ ତାଙ୍କ ଶବ ସତକଠାର କରାଯାଇଥିଲା । ସେ ଜଣେ କବି ଥିଲେ। ଦୁହିତା, ମା', ବାପା, ଛୁଟ ମୋର ଗାଁ ଟି ଓ କହିବାକୁ ଲାଜ ଏହି ଭିଳି ଅନେକ ପୁସ୍ତକ ରଚନା କରିଥିଲେ।

# ଅଙ୍ଗନବାଡି କର୍ମୀଙ୍କ ଅକାଳ ବିୟୋଗ

**କଣାସ, ୬।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ଦୋଛିଆ ଗାଁ ଗ୍ରାମର ନଂ- ୧ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଭାବେ କାର୍ଯ୍ୟ କରୁଥିବା ସଂଯୁକ୍ତା ସାମନ୍ତରାୟ ୫୨ବର୍ଷ ଙ୍କର ଆଜି ଭୁବନେଶ୍ୱର ହାଇଟେକ୍ ଡାକ୍ତର ଖାନାରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀର ଗ୍ରାମକୁ ଅଣା ଯାଇ ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି ।

# ବିନୋଦ ବିହାରୀ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମରଣିକା ଉନ୍ମୋଚିତ



**ବାଲେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ପବିତ୍ର ଗୁରୁଦିବସ ଅବସରରେ ତାଡ଼ଦାସ୍ଥିତ ବରଡ଼ା ଯଦୁନାଥ ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଗତ ବିନୋଦ ବିହାରୀ ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା ଓ 'ଅମ୍ଳାନ ପ୍ରତିଭା' ସ୍ମରଣିକା ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍ୱର୍ଗତ ପ୍ରଧାନଶିକ୍ଷକଙ୍କ ଚାନ୍ଦମାରି ପଡ଼ିଆ ବାସଭବନରେ ଆୟୋଜିତ ସଭାରେ ପୁରାତନ ଛାତ୍ରସଂସଦର ସଭାପତି ଲକ୍ଷ୍ମଣ କୁମାର ସେନାପତି ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କ୍ଷେତ୍ରରେ ବହୁ ପ୍ରତିଷ୍ଠିତ ପୁରାତନ ଛାତ୍ର,ଛାତ୍ରୀ ସେମାନଙ୍କର ପ୍ରିୟ ଗୁରୁଦେବଙ୍କର ସ୍ମୃତିଚାରଣ କରି ସ୍ୱର୍ଗତ ବିନୋଦ ବିହାରୀ ଦାସଙ୍କ ଛାତ୍ରବତ୍ସଳତା ଓ ଶିକ୍ଷାଦାନ ସହ ଆଦର୍ଶକୁ ଉଚ୍ଚପ୍ରଶଂସା କରିଥିଲେ। ଏଥିସହିତ 'ଅମ୍ଳାନ ପ୍ରତିଭା' ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପପ୍ରଦାନ ସହ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭା ସଂଚାଳନ କରିଥିଲେ ପୂର୍ବତନ ଛାତ୍ର ତଥା ଆଇନଜୀବୀ ପର୍ଶୁରାମ ପ୍ରଧାନ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱର୍ଗତ ପ୍ରଧାନଶିକ୍ଷକଙ୍କ ପୁତ୍ର ରାଜକମଲ, ଝିଅ ବନଶ୍ରୀ, ମୌସୁମୀ ଓ ପରିବାର ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

# 'ଜଳ ସଞ୍ଚୟ ଜନ ଭାଗିଦାରୀ' ଅଭିଯାନର ଶୁଭାରମ୍ଭ



**ନୂଆଦିଲ୍ଲୀ/ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗୁଜରାଟର ସୁରଟଠାରେ 'ଜଳ ସଞ୍ଚୟ ଜନ ଭାଗିଦାରୀ' ଅଭିଯାନର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ ବର୍ଷା ଜଳ ସଂରକ୍ଷଣ ବୃଦ୍ଧି ଏବଂ ଦୀର୍ଘକାଳୀନ ଜଳ ସ୍ଥାୟୀତା ସୁନିଶ୍ଚିତ କରିବା ପାଇଁ ସାରା ରାଜ୍ୟରେ ପ୍ରାୟ ୨୪,୮୦୦ ବର୍ଷା ଜଳ ସଂରକ୍ଷଣ ଢାଞ୍ଚା ନିର୍ମାଣ କରାଯାଉଛି ।

ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆଜି ଗୁଜରାଟ ମାଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଆରମ୍ଭ କରାଯାଉଛି। ମୌସୁମୀ ଋତୁର ବିପର୍ଯ୍ୟୟ ସମ୍ପର୍କରେ ଶ୍ରୀ ମୋଦୀ କହିଛନ୍ତି ଯେ ଦେଶର ପ୍ରାୟ ସବୁ ଅଞ୍ଚଳକୁ ଏହା କାରଣରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି ଯେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ପ୍ରାୟ ପ୍ରତ୍ୟେକ ତହସିଲରେ ସେ ଏଭଳି ପ୍ରବଳ ବର୍ଷା ଦେଖିନଥିଲେ କିମ୍ବା ଶୁଣି ନଥିଲେ। ସେ କହିଛନ୍ତି ଯେ ଗୁଜରାଟକୁ ଏଥର ଏକ ଚରମ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଛି ଏବଂ ପରିସ୍ଥିତିକୁ ସମ୍ଭାଳିବା ପାଇଁ ବିଭାଗଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ନୁହଁନ୍ତି, ତଥାପି ଏଭଳି ଭୟଙ୍କର ପରିସ୍ଥିତିରେ ଗୁଜରାଟ ଏବଂ ଦେଶର ଲୋକମାନେ କାନ୍ଧରେ କାନ୍ଧ ମିଳାଇ ପରସ୍ପରକୁ ସାହାଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦେଶର ଅନେକ ସ୍ଥାନ ଏବେ ବି ମୌସୁମୀ ଋତୁର ପ୍ରଭାବ ଦେଇ ଗତି କରୁଛି।

ଜଳ ସଂରକ୍ଷଣ କେବଳ ଏକ ନୀତି ନୁହେଁ, ଏହା ଏକ ପ୍ରୟାସ ଓ ଗୁଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏଥିରେ ଉଦାରତା ସହିତ ଦାୟିତ୍ୱ ମଧ୍ୟ ରହିଛି। "ଜଳ ହେଉଛି ପ୍ରଥମ ମାପଦଣ୍ଡ ଯାହା ଉପରେ ଆମର ଭବିଷ୍ୟତ ପିଢ଼ି ଆମର ଆକଳନ କରିବେ", ଶ୍ରୀ ମୋଦୀ କହିଥିଲେ । କାରଣ ଜଳ କେବଳ ଏକ ସମ୍ପଦ ନୁହେଁ ବରଂ ଜୀବନ ଓ ମାନବିକତାର ଭବିଷ୍ୟତର ପ୍ରଶ୍ନ ବୋଲି ସେ କହିଛନ୍ତି। ତେଣୁ ଏକ ସ୍ଥାୟୀ ଭବିଷ୍ୟତ ଦିଗରେ ୯ଟି ସଂକଳ୍ପ ମଧ୍ୟରୁ ଜଳ ସଂରକ୍ଷଣ ସବୁଠାରୁ ଆଗରେ ରହିଛି ବୋଲି ସେ କହିଛନ୍ତି। ପରିବେଶ ଏବଂ ଜଳ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ବିଶ୍ୱରେ ମାତ୍ର ୪ ପ୍ରତିଶତ ମଧୁର ଜଳ ଭାରତରେ ରହିଛି । ଦେଶରେ ଅନେକ ଭବ୍ୟ ନଦୀ ଥିଲେ ମଧ୍ୟ ବଡ଼ ବଡ଼ ଭୌଗୋଳିକ ଅଞ୍ଚଳରେ ପାଣି ରହୁନାହିଁ ଏବଂ ଜଳସ୍ତର ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ଜଳବାୟୁ ପରିବର୍ତ୍ତନ ସହିତ ଜଳ ଅଭାବ ଲୋକଙ୍କ ଜୀବନ ଉପରେ ବ୍ୟାପକ ପ୍ରଭାବ ପକାଇଛି ବୋଲି ସେ ଉଲ୍ଲେଖ କରିଥିଲେ।

# ଗଣେଶ ପୂଜା: ରାସ୍ତା ଉପରେ ତୋରଣ



**ଭୁବନେଶ୍ୱର,୬।୯(ତଥ୍ୟ):** ଗଣେଶ ପୂଜାରୁ ପାର୍ବଣର ଶୁଭାରମ୍ଭ ହେଉଥିବାବେଳେ ପୂଜାପାଇଁ ବହୁ ସ୍ଥାନରେ ରାସ୍ତାଘାଟ ଖୋଳା ଚାଲିଛି। କେଉଁଠି ରାସ୍ତା ଅବରୋଧ କରାଯାଇ ପୂଜା ହେଉଛି ତ ଆଉ କେଉଁ ସାଜସଜ୍ଜା ନାଁରେ ପିଚୁ ଓ ପେଭର ବ୍ଲକ ରାସ୍ତାକୁ ଖୋଳାଯାଉଛି। ଗଣେଶପୂଜା ପାଇଁ ଏବେ ସାରା ରାଜ୍ୟ ଉତ୍ସବ ମୁଖର। ରାଜଧାନୀରେ ଏଥିପାଇଁ ଗଳିକନ୍ଦିରେ ପ୍ରସ୍ତୁତି ଚାଲିଛି। ପ୍ରତି ୟୁନିଟ୍‌ରେ ଗଜାନନଙ୍କ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଥିବାବେଳେ ଏଥିପାଇଁ ପ୍ରତିଦ୍ୱନ୍ଦିତା ବି ହେଉଛି। ମୂର୍ତ୍ତିର୍ ଠାରୁ ଆରମ୍ଭକରି ସାଜସଜ୍ଜା କ୍ଷେତ୍ରରେ ପରସ୍ପରକୁ ଟପିବାପାଇଁ ପ୍ରତିଯୋଗିତା।

ତେବେ ବହୁ ସ୍ଥାନରେ ପୂଜାପାଇଁ ସ୍ଥାନାଭାବ ଯୋଗୁଁ ସର୍ବସାଧାରଣ ରାସ୍ତା ଉପରେ ପୂଜାପାଇଁ ପ୍ରସ୍ତୁତି ଚାଲିଛି। କୈାଠି ରାସ୍ତାକୁ ଆଂଶିକ ଦଖଲ କରାଯାଉଛି ତ ଆଉ କେଉଁଠି ସମ୍ପୂର୍ଣ୍ଣ ରୂପେ ନିଜ ନିୟନ୍ତ୍ରଣକୁ ନିଆଯାଇ ପୂଜା ହେଉଛି। ଯେଉଁଠାରେ ରାସ୍ତା ଉପରେ ପୂଜା ହେଉଛି ସେଠାରେ ଏବେ ସାଜସଜ୍ଜା ପାଇଁ ତୋରଣ ପ୍ରତିଷ୍ଠା ସହିତ ରଙ୍ଗ ବେରଙ୍ଗର ଲାଇଟ୍ ଲାଗୁଛି। ଏଥିପାଇଁ ରାସ୍ତାପାର୍ଶ୍ୱ ଓ ରାସ୍ତାକୁ ଖୋଳିବାକୁ ବି କର୍ମକର୍ତ୍ତାମାନେ ପଛାଉ ନାହାନ୍ତି।

ପୂଜା ପାଇଁ ରାସ୍ତା ଅବରୋଧ ସକାଶେ ବିଏମସି ଅନୁମତି ଦେଇଛି କି ନାହିଁ ତାହାକୁ ନେଇ ସାଧାରଣରେ ସନ୍ଦେହ ଥିବାବେଳେ ବିଦ୍ୟୁତ୍ ବିଭାଗ କିଭଳି ଏଥିପାଇଁ ଅନୁମତି ଦେଇଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଯେଉଁଠାରେ ରାସ୍ତା ଆଂଶିକ ଅବରୋଧ ହୋଇଛି ସେହିସବୁ ରାସ୍ତା ଦେଇ ପିଲାଙ୍କ ଠାରୁ ବୁଢାଙ୍କ ପର୍ଯ୍ୟନ୍ତ ଶହ ଶହ ଲୋକେ ଯା ଆସ କରୁଛନ୍ତି।

ଗଣେଶ ଭସାଣି ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥିବାରୁ ବିଭିନ୍ନ ସ୍ଥାନରେ ବେଶ୍ କିଛି ଦିନପାଇଁ ଯାକ ଜମକରେ ପୂଜା ଚାଲିଛି। ଯେଉଁସବୁ ସ୍ଥାନରେ ରାସ୍ତା ଅବରୋଧ ହୋଇଛି ସେଠାରେ ସ୍ଥାନୀୟ ଲୋକେ ହଟହଟା ହେବା ଏକ ପ୍ରକାର ନିଶ୍ଚିତ। ଅନ୍ୟ ପକ୍ଷରେ ପୁଲିସ୍‌ର ନାଲିଆଖି ଯୋଗୁଁ ଚଳିତବର୍ଷ ଯଦିଓ ଖୋଲାଖୋଲି ଭାବେ କେହି ଦଳ ଦଳ ହୋଇ ଚାନ୍ଦା ଆଦାୟ କରୁନାହାନ୍ତି କିନ୍ତୁ ପୂଜା କମିଟି ପକ୍ଷରୁ ନିଜ ନିଜ ଅଞ୍ଚଳରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, ଦପ୍ତର ଓ ସାଧାରଣ ଲୋକଙ୍କ ଠାରୁ ପୂଜା ଚାନ୍ଦା ଆଦାୟ କରୁଛନ୍ତି।

ସେହିଭଳି ଚଳିତ ଗଣେଶ ପୂଜାରୁ କମିଶନରେ ପୁଲିସ୍ କାନଫଟା ଡିଜେ ଶବ୍ଦ ଉପରେ କଡା କଟକଣା ଲଗାଇଥିବାବେଳେ ପୂଜା ପେଣ୍ଡାଲରେ କିଭଳି ମାଇକ ବାଜି ଓ କେତେ ସମୟ ବାଜିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ବର୍ତ୍ତମାନ ଅନେକ ବିଦ୍ୟାଳୟରେ ପରୀକ୍ଷା ଚାଲିଥିବାବେଳେ ପୂଜା ପରେ ପରେ ଅଧିକାଂଶ ବିଦ୍ୟାଳୟରେ ଷାଣ୍ମାଷିକ ପରୀକ୍ଷା ଅନୁଷ୍ଠିତ ହେବ ତେଣୁ ଗଣେଶପୂଜାର ଶବ୍ଦ ଯୋଗୁଁ ଛାତ୍ରଛାତ୍ରୀମାନେ ଯେଭଳି ପ୍ରଭାବିତ ନହୁଅନ୍ତି ସେଥିପ୍ରତି ସମସ୍ତେ ଦୃଷ୍ଟିଦେବାକୁ ମତପ୍ରକାଶ ପାଉଛି।

# ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ ସମ୍ପର୍କିତ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ଭାରତର ଉତ୍ତର-ପୂର୍ବାଞ୍ଚଳ ଆଠଟି ରାଜ୍ୟର ରାଜଭବନର ଅଧିକାରୀମାନଙ୍କ ପାଇଁ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପର୍କିତ ଅଭିମୁଖୀକରଣ (ଓରିଏଣ୍ଟେସନ୍) କାର୍ଯ୍ୟକ୍ରମ ରାଜଭବନର ନିୟୁ ଅଭିଷେକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆସାମ,



ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ତ୍ରିପୁରା, ମଣିପୁର, ମିଜୋରାମ, ମେଘାଳୟ ରାଜଭବନର ବରିଷ୍ଠ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶାର ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ ରାଜ୍ୟପାଳଙ୍କ ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହ ସ୍ୱାଗତ ଭାଷଣ ପ୍ରଦାନ କରି ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଓରିଏଣ୍ଟେସନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହାପରେ ନୀତି ଆୟୋଗର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକ ଆନନ୍ଦ ଶେଖର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଓ ପ୍ରସଙ୍ଗ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ ଓ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବୁଝାଇଥିଲେ। ନୂଆ ଦିଲ୍ଲୀସ୍ଥିତ କାପାସିଟି ବିଲ୍ଡିଂ କମିଶନର ନିର୍ଦ୍ଦେଶକ ଶ୍ରୀମତୀ ନବ୍ନିତ୍ କୌର ଏବଂ ଆଇ.ଜି.ଓ.ଟି. (ଇଂଟିଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍ ଲାଇନ୍ ଟ୍ରେନିଂଗ)ର ବରିଷ୍ଠ ଉପଦେଷ୍ଟା ଶ୍ରୀମତୀ ଶୋଭନା ରାଣା କର୍ମଯୋଗୀ ଏବଂ ଇଟିଂଗ୍ରେଟେଡ ଗଭର୍ଣ୍ଣମେଂଟ ଅନ୍ଲାଇନ୍ ଟ୍ରେନିଂଗ୍ (ଓଏଡଞ୍ଚ) ସଂପର୍କରେ ବିଶଦଭାବେ ଆଲୋଚନା କରିଥିଲେ। କର୍ମଚାରୀମାନଙ୍କର ଦକ୍ଷତା ବିକାଶ, କାର୍ଯ୍ୟକ୍ରମ ପରିଚାଳନା ଜରିଆରେ କିପରି ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟାନ୍ୱୟନ ହୋଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଯୋଜନାର ସୁଫଳ କିପରି ପ୍ରତି ଘରେ ପହଂଚିବ, ହିତାଧିକାରୀଙ୍କ ଜୀବନସ୍ତରର ଉନ୍ନତି ହେବ ତା' ଉପରେ ଗୁରୁତ୍ୱଆରୋପ କରାଯାଇଥିଲା। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକକ୍ଷେତ୍ର, ଭିତିଭୂମିର ବିକାଶ ତଥା ଅନ୍ୟାନ୍ୟ ମୌଳିକ ଆବଶ୍ୟକତା କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରୀତା ସଂପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ରାଜ୍ୟର ରାଜଭବନର ବରିଷ୍ଠ ଅଧିକାରୀମାନେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ସଂପର୍କରେ ମତାମତ ଓ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ସରକାରଙ୍କ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବ ମନୀଶ ଅଗ୍ରୱାଲ ରାଜ୍ୟରେ ଚାଲିଥିବା ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ସଂପକେରେ ଆଲୋକପାତ କରିଥିଲେ। ସପରିଶେଷରେ ଓଡ଼ିଶା ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିଂମାସୁ ନାରାୟଣ ପଟ୍ଟନାୟକ ଉଦ୍‌ଯାପନୀ ବକ୍ତବ୍ୟ ପ୍ରଦାନ କରି ଏପରି କାର୍ଯ୍ୟକ୍ରମ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶା ରାଜଭବନ ପକ୍ଷରୁ ପ୍ରତିନିଧିମାନଙ୍କୁ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧ 'ସ୍ୱଚ୍ଛତା ହିଁ ସେବା' ପକ୍ଷ



**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ଅକ୍ଟୋବର ୨ ତାରିଖରେ ଗାନ୍ଧି ଜୟନ୍ତୀରେ ପାଳନ ହେବ ସ୍ୱଚ୍ଛ ଭାରତ ଦିବସ । ଏହି ପରିପ୍ରେକ୍ଷୀରେ ଆଗାମୀ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ପକ୍ଷ-୨୦୨୪ ସାରା ରାଜ୍ୟରେ ପାଳନ କରାଯିବ । ଏ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ (ଥିମ୍) ରହିଛି "ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା" । ସ୍ୱଚ୍ଛତା ତଥା ପରିମଳ ରକ୍ଷା ପାଇଁ ପ୍ରତ୍ୟେକ ଲୋକଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଥିବା ବେଳେ ଜନସାଧାରଣଙ୍କର ସହଭାଗିତା ଏବଂ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରାଯିବା ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଗତକାଲି ଗୁରୁବାର ସଂଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯାନ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଓ ସ୍ୱଚ୍ଛ ଭାରତ ମିଶନ (ସହର ) ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମକୁ ବିଶେଷ କରି ଏହି ଦୁଇ ବିଭାଗ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ସମେତ ଅନ୍ୟ ସଂପୃକ୍ତ ବିଭାଗ ସହଯୋଗରେ କରାଯିବ ।



## ସେଣ୍ଟ ଜାଭିୟର ସ୍କୁଲରେ ବିଜ୍ଞାନ ମେଳା

**ଟାଙ୍ଗୀ–ଚୌଦ୍ୱାର, ୬।୯ (ସଂଚାର ବ୍ୟୁରୋ):** ଚୌଦ୍ୱାର ହିଙ୍ଗୁଳାଇ ରୋଡ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଶୁକ୍ରବାର ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଜ୍ଞାନ, ପରିବେଶ ସନ୍ତୁଳନ, ସୁରକ୍ଷା, ଜଳ ସଂରକ୍ଷଣ,ଉନ୍ନତ ଚାଷ ପ୍ରଣାଳୀ ଆଦି ନାନାବିଧ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଜୁନିୟର, ସବ୍ ଜୁନିୟର ଓ ସିନିୟର ବିଭାଗରେ ଛାତ୍ରୀଛାତ୍ରମାନେ ବିଭକ୍ତ ହୋଇ ୯୩ଟି ପ୍ରକଳ୍ପ ନିର୍ମାଣ କରି ସେଗୁଡ଼ିକୁ ପ୍ରଦର୍ଶନ କରିବା ସହିତ ଉପସ୍ଥିତ ଅତିଥିମାନଙ୍କୁ ପ୍ରକଳ୍ପ ବିଷୟରେ ବୁଝାଇଥିଲେ। ଅଧ୍ୟକ୍ଷ ଶକ୍ତୀ ପ୍ରସାଦ ମହାନ୍ତି ଓ ଅଧ୍ୟକ୍ଷା ପ୍ରଜ୍ଞା ଭାରତୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ କଳିଙ୍ଗ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଭାରତୀ ମହାନ୍ତି, ସତ୍ୟ କର,କବିତା ମହାରଣା,ସୂର୍ଯ୍ୟକାନ୍ତ ସାର, ଶିକ୍ଷକ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଚ୍ଚକୋଟୀର ପ୍ରକଳ୍ପ ଗୁଡ଼ିକୁ ମୁଲ୍ୟାୟନ କରି ପୁରସ୍କୃତ କରିଥିଲେ।

# ଧ୍ୟାନଚାନ୍ଦଙ୍କ ଜନ୍ମ ଶତବାର୍ଷିକୀ ପାଇଁ 'ଖେଳ ଉତ୍ସବ-୨୦୨୪' ଆୟୋଜିତ



**ନୂଆଦିଲ୍ଲୀ, ୬।୯ (ସଂଚାର ବ୍ୟୁରୋ):** ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ ପୂର୍ବରୁ ଏବଂ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସହଯୋଗରେ ଜାତୀୟ କ୍ରୀଡ଼ା ଦିବସ ୨୦୨୪ ପାଳନ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଅଗଷ୍ଟ ୨୭, ୨୦୨୪ଠାରୁ ଅଗଷ୍ଟ ୩୦, ୨୦୨୪ ପର୍ଯ୍ୟନ୍ତ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ ଏବଂ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଖେଳ ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରଥମ ସଂସ୍କରଣରେ ମନ୍ତ୍ରଣାଳୟ ପକ୍ଷରୁ ଚାରୋଟି କ୍ରୀଡ଼ା ବର୍ଗ ଯଥା- କ୍ରିକେଟ, ହକି, ବ୍ୟାଡମିଣ୍ଟନ ଏବଂ ଟେବୁଲ ଟେନିସ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ମନ୍ତ୍ରଣାଳୟର ୨୦୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହ ଅଂଶଗ୍ରହଣ କରିବା ସମେତ ଏହାକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଖେଳ ଉତ୍ସବର ଆଗାମୀ ସଂସ୍କରଣରେ ଏଥିରେ ଅଧିକ ବର୍ଗର କ୍ରୀଡ଼ାକୁ ସାମିଲ କରାଯିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ କରାଯାଉଛି ।

ସେପ୍ଟେମ୍ବର ୪, ୨୦୨୪ ତାରିଖ ଦିନ ମେଜର ଧ୍ୟାନଚାନ୍ଦ ଟ୍ରଫି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶାସ୍ତ୍ରୀ ଭବନର ପିଆଇବି ସମ୍ମିଳନୀ କକ୍ଷଠାରେ ଏହାର ଆୟୋଜନ କରାଯାଇଥିଲା। ଏହି ଟ୍ରଫି ବିତରଣ ସମାରୋହରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ସଞ୍ଜୟ ଜାଜୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ଇଣ୍ଡିଆ କେମ୍ ୨୦୨୪' ପାଇଁ ଶିଳ୍ପ ସମ୍ମିଳନୀ

# 'ପେଟ୍ରୋକେମିକାଲ ହବ୍ ହେବାକୁ ଓଡ଼ିଶା ପ୍ରସ୍ତୁତ'

**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ ଥିବା ରାସାୟନିକ ଓ ପେଟ୍ରୋକେମିକାଲ ବିଭାଗ ପକ୍ଷରୁ ଫିକିର ମିଳିତ ସହଯୋଗରେ ଭୁବନେଶ୍ୱରଠାରେ ଇଣ୍ଡିଆ କେମ୍ ୨୦୨୪ ପରିପ୍ରେକ୍ଷୀରେ ଶିଳ୍ପ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। 'ଆଡଭାନ୍ସଡ୍ ଇଣ୍ଡିଆ: ଇଣ୍ଡିଆନ୍ କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ପେଭିଂ ଦି ଫ୍ୟୁଚର୍' ଶୀର୍ଷକ ତ୍ରୟୋଦଶ ଦ୍ୱିବାର୍ଷିକ ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ସମ୍ମିଳନୀ ୨୦୨୪ ଅକ୍ଟୋବର ୧୭ରୁ ୧୯ ତାରିଖ ପର୍ଯ୍ୟାୟ ମୁମ୍ବାଇରେ ହେବାକୁ ଥିବା ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରସାୟନିକ ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପରୁ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଇଣ୍ଡିଆ କେମ୍ ୨୦୨୪ ସମ୍ମିଳନୀ ଉପରେ ଆଲୋକପାତ କରାଯାଇଥିଲା ।

ଏହି ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଯୋଗଦେଇ ରସାୟନ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ଗୁଜରାଟ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଦୁଇ ବର୍ଷର ବ୍ୟବଧାନ ପରେ ଅନୁଷ୍ଠିତ ହେଉଥିବା ଇଣ୍ଡିଆ କେମ୍-୨୦୨୪ ରେ ବିଶ୍ୱସ୍ତରୀୟ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ପାଇଁ ଉଲ୍ଲେଖନୀୟ ଭାବେ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି । ଶ୍ରୀମତୀ ପଟେଲ ଗୁରୁତ୍ୱାରୋପ କରି କହିଥିଲେ ଯେ, ଓଡ଼ିଶା ଏହାର ଦକ୍ଷ ମାନବ ସମ୍ବଳ ଏବଂ ଏହାର ଉପଯୋଗୀ ଉପକୂଳ ଅବସ୍ଥିତି ସହିତ ରସାୟନ ଏବଂ ପେଟ୍ରୋକେମିକାଲର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି ଯାହାକି ଉତ୍ପାଦନ, ନିଯୁକ୍ତି ଏବଂ ରପ୍ତାନି ପାଇଁ ବିପୁଳ ସୁଯୋଗ ପ୍ରଦାନ କରିବ । ବର୍ତ୍ତମାନ ଦେଶରେ ୨୨୦ ବିଲିୟନ ଡଲାର ମୂଲ୍ୟର ଏହି କ୍ଷେତ୍ର ୨୦୪୭ ସୁଦ୍ଧା ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ଦେଶ ଭିତରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଉପରେ ସରକାରଙ୍କ ଗୁରୁତ୍ୱ ଏହି ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବ ।




ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ଶିଳ୍ପ ନୀତି ଓ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରିଥିଲେ । ଭିତିଭୂମି, ବନ୍ଦର ବ୍ୟବସ୍ଥା ଏବଂ ବିଦ୍ୟୁତ ଶୁଳ୍କରେ ରିହାତି ସହିତ ଶିଳ୍ପ ଚାହିଦା ପୂରଣ ପାଇଁ ଦକ୍ଷ ମାନବ ସମ୍ବଳ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଆଲୋକପାତ କରିଥିଲେ । କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା ଏବଂ ନିଟ୍-ଜିରୋ ଲକ୍ଷ୍ୟ ହାସଲ ପାଇଁ ସବୁଜ ଜ୍ଞାନକୌଶଳରେ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାରଙ୍କ ସମର୍ପିତ ମନୋଭାବ ଉପରେ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ରସାୟନ ଓ ସାର ମନ୍ତ୍ରଣାଳୟର ସଚିବ ନିବେଦିତା ଶୁକ୍ଲା ବର୍ମା ପେଟ୍ରୋଲିୟମ କ୍ଷେତ୍ରର ମହତ୍ତ୍ୱ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ, ଯାହା ଦେଶର ଉତ୍ପାଦନରେ ୮% ଏବଂ ବିଶ୍ୱରେ ବିକ୍ରୟରେ ୩% ଯୋଗଦାନ ଦେଇଥାଏ । ବର୍ତ୍ତମାନ ୩୨୦ ବିଲିୟନ ଡଲାର ଆକଳନ କରାଯାଇଥିବା ଏହି କ୍ଷେତ୍ର ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମଧ୍ୟରୁ ଅନ୍ୟତମ ଏବଂ ୨୦୪୭ ସୁଦ୍ଧା ଏହା ୧ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଏକ ବିକଶିତ ଭାରତ ଗଠନରେ ଏହି କ୍ଷେତ୍ରର ଅବଦାନ ବୃଦ୍ଧି କରିବା ପାଇଁ ସରକାର ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦଶନ୍ଧି ମଧ୍ୟରେ ପେଟ୍ରୋକେମିକାଲ ରପ୍ତାନିକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ: ଟ୍ରେନ ଚଳାଚଳ କ୍ଷେତ୍ରରେ ଦକ୍ଷତା ଏବଂ ନିରାପତ୍ତା ବୃଦ୍ଧି

**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ସୁରକ୍ଷିତ ଏବଂ ଅଧିକ ଦକ୍ଷ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବାକୁ ଭାରତୀୟ ରେଳବାଇ ଏହାର ଭିତ୍ତିଭୂମିକୁ କ୍ରମାଗତ ଭାବରେ ନବୀକରଣ କରିଆସୁଅଛି। ଏହି ଆଧୁନିକୀକରଣର ଏକ ଅଂଶ ଭାବରେ ପୂର୍ବତଟ ରେଳପଥର ଯଖପୁରା-ନିର୍ଗୁଣ୍ଡି ଏବଂ ଖୋର୍ଦ୍ଧା ରୋଡ୍-ଗୋଳନ୍ଥରା ରେଳ ସେକ୍ସନ ସମେତ ପ୍ରମୁଖ ରେଳ ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗନାଲ୍ (ଏବିଏସ୍) ଅଥବା ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ନିୟୋଜିତ ହେଉଛି। ଏହି ଉନ୍ନତ ପ୍ରଣାଳୀ ଟ୍ରେନର କାର୍ଯ୍ୟକ୍ଷମତା ଏବଂ ଟ୍ରେନର ସୁରକ୍ଷାକୁ ବୃଦ୍ଧି କରାଇବାକୁ ଲକ୍ଷ୍ୟ ରଖିଛି।

ଏବିଏସ୍ ସିଷ୍ଟମ୍ ଅଥବା ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ଏକାଧିକ ଟ୍ରେନ୍‌କୁ ଗୋଟିଏ ବ୍ଲକ୍ ସେକ୍ସନରେ ରହିବାକୁ ଅନୁମତି ଦେଇଥାଏ ଯାହା ସ୍ୱୟଂଚାଳିତ ସାଙ୍କେତିକ




ପ୍ରଣାଳୀ ଦ୍ୱାରା ଟ୍ରେନ ଚଳାଚଳ କାର୍ଯ୍ୟର ଏକ ସାଧାରଣ ବୈଶିଷ୍ଟ୍ୟ ଅଟେ । ଏହି ପ୍ରକ୍ରିୟାରେ କୌଣସି ଅସାଧାରଣ କିମ୍ବା ଅସୁରକ୍ଷିତ କିଛି ନାହିଁ, ଯେହେତୁ ସ୍ୱୟଂଚାଳିତ ସେକ୍ସନ ଅଞ୍ଚଳରେ ସୁରକ୍ଷିତ ଏବଂ ଦକ୍ଷତାର ସହିତ ଟ୍ରେନ୍ ଚଳାଇବା ପାଇଁ ପ୍ରଣାଳୀକୁ ଡିଜାଇନ୍ କରାଯାଇଅଛି। ଗୋଟିଏ ବ୍ଲକ ସେକ୍ସନରେ ଏକାଧିକ ଟ୍ରେନର ଉପସ୍ଥିତି ବିଷୟରେ ଭୁଲ ତଥ୍ୟ ବିସ୍ତାର ନକରିବାକୁ ପୂର୍ବତଟ ରେଳପଥ ଜନସାଧାରଣ ଏବଂ ପ୍ରଭାବଶାଳୀ ପ୍ରସାରକ ମାନଙ୍କୁ ଅନୁରୋଧ କରିଆସୁଅଛି। ଏହି ପ୍ରଣାଳୀ ସଂପୂର୍ଣ୍ଣ ସ୍ୱୟଂଚାଳିତ ଏବଂ ନିରାପତ୍ତାର ଆବଶ୍ୟକୀୟ ମାନ ସୁନିଶ୍ଚିତ କରୁଅଛି। ଆଗାମୀ ପ୍ରକଳ୍ପଗୁଡିକ ମଧ୍ୟରେ ଯଖପୁରା-ନିର୍ଗୁଣ୍ଡି ଏବଂ ଖୋର୍ଦ୍ଧା ରୋଡ୍-ଗୋଳନ୍ଥରା ରେଳ ସେକ୍ସନରେ ଖୁବ୍ ଶୀଘ୍ର ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେକ୍ସନରେ ସ୍ୱୟଂଚାଳିତ ବ୍ଲକ୍ ସାଙ୍କେତିକ ପ୍ରଣାଳୀ ପ୍ରକଳ୍ପ ପାଇଁ ୧୬୦ କୋଟି ମୂଲ୍ୟର ଟେଣ୍ଡର ପ୍ରଦାନ କରାଯାଇସାରିଛି।

ଖୋର୍ଦ୍ଧା ରୋଡ୍-ନିର୍ଗୁଣ୍ଡି ଏବଂ ଭଦ୍ରକ-ଯଖପୁରା ରେଳ ସେକ୍ସନ ସୁରକ୍ଷିତ ଏବଂ ଦକ୍ଷ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରି ଏବିଏସ୍ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ଏବିଏସ୍ ପ୍ରଣାଳୀ ରେଳ ଧାରଣା କ୍ଷମତା ବୃଦ୍ଧି କରାଇବା ସହିତ କାର୍ଯ୍ୟକ୍ଷମ ଖର୍ଚ୍ଚ ହ୍ରାସ କରିଥାଏ ଏବଂ ବ୍ୟସ୍ତବହୁଳ ମାର୍ଗରେ ଟ୍ରେନଗୁଡ଼ିକର ଚଳାଚଳକୁ ସୁଗମ କରିଥାଏ। ଆଧୁନିକ ଟ୍ରେନ୍ ଚଳାଚଳ କାର୍ଯ୍ୟ ପାଇଁ ଏହି ପ୍ରଣାଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଏକାଧିକ ଟ୍ରେନ୍‌କୁ ଗୋଟିଏ ବ୍ଲକ୍ ସେକ୍ସନ ମଧ୍ୟରେ ଯାତ୍ରା କରିବାକୁ ଅନୁମତି ଦେଇଥାଏ ଯାହା ସୁରକ୍ଷାକୁ ଧ୍ୟାନ ଦେବା ସହିତ ରେଳବାଇର କ୍ଷମତାର ସର୍ବୋତ୍ତମ ଉପଯୋଗ କରିଥାଏ। ପୂର୍ବତଟ ରେଳପଥ ଏହି ଉନ୍ନୟନ କାର୍ଯ୍ୟ ଗୁଡିକ କ୍ଷେତ୍ରରେ ସର୍ବଦା ସର୍ବାଗ୍ରେ ରହିଆସୁଅଛି ଯାହା ଉଭୟ ଯାତ୍ରୀ ଏବଂ ପଣ୍ୟ ପରିବହନ ସୁରକ୍ଷିତ ଏବଂ ଦକ୍ଷତାର ସହିତ ସମ୍ପାଦନ ହୋଇପାରିବ।

# ଡିଏଭି ଚନ୍ଦ୍ରଶେଖରପୁରରେ ୟୁରୋପୀୟ ଚଳଚ୍ଚିତ୍ର ପ୍ରଦର୍ଶିତ

**ଭୁବନେଶ୍ୱର, ୬।୯ (ସଂଚାର ବ୍ୟୁରୋ):** ୬୯ ଶିଶୁ ଓ କିଶୋରମାନଙ୍କୁ ଉନ୍ନତମାନର ଚଳଚ୍ଚିତ୍ର ପ୍ରଦର୍ଶନ ଜରିଆରେ ଉନ୍ନୀତ ଶୈକ୍ଷିକ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର ପରିସରରେ ଇଉରୋପୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଓ ସମ୍ମାନ ଉଦ୍‌ଘାଟିତ ହୋଇଛି । ସ୍ମାଇଲ୍ ଫାଉଣ୍ଡେସନ୍, ନୂଆଦିଲ୍ଲୀସ୍ଥିତ ସିଫ୍ ଏବଂ ୟୁରୋପିଆନ୍ ୟୁନିୟନର ମିଳିତ ପ୍ରୟାସରେ ଓଡିଶାରେ ସର୍ବପ୍ରଥମ ଥର ଏକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୟୁରୋପର ବଛା ବଛା ପୁରସ୍କୃତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଉତ୍ସବର ନିର୍ଦ୍ଦେଶକ ଜିତେନ୍ଦ୍ର ମିଶ୍ର, ପୋଲାଣ୍ଡ ଦୂତାବାସର ପୋଲିସ୍ ଇନ୍‌ଷ୍ଟିଚ୍ୟୁଟ ନିର୍ଦ୍ଦେଶକ ମ୍ୟାଗଡାଲିନା ଫିଲିପକ, ୟୁକ୍ରେନ ଦୂତାବାସର ଦ୍ୱିତୀୟ ସଚିବ ଭୋଲ୍‌ନିର ପ୍ରିଟୁଲା, ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଡିଏଭି ଚନ୍ଦ୍ରଶେଖରପୁର ଅଧ୍ୟକ୍ଷା ଡ. ସୁଜାତା ସାହୁ, ବକୁଳ ଫାଉଣ୍ଡେସନ୍ ନିର୍ଦ୍ଦେଶକ ସୁଜିତ ମହାପାତ୍ର, ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ପ୍ରମୁଖ ଅତିଥୁ ରୂପେ ମଞ୍ଚାସୀନ ଥିଲେ । ବିଶ୍ୱଗ୍ରାମ ଗଠନ ଓ ବିଶ୍ୱଶାନ୍ତି ସ୍ଥାପନ ସହ ସୃଜନଶୀଳତାର ଦିଗ୍‌ବଳୟ



ବିସ୍ତାର କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭୂମିକାକୁ ଏହି ପଦକ୍ଷେପ ଦୃଢୀଭୂତ କରିବବୋଲି ଆୟୋଜକ ବିଦ୍ୟାଳୟର ଅଧ୍ୟକ୍ଷା ଡ.ସାହୁ ମତପ୍ରକାଶ କରିଥିଲେ। ଚଳଚ୍ଚିତ୍ର ପ୍ରଦର୍ଶନ ପରେ ଛାତ୍ରଛାତ୍ରୀଙ୍କ ଜିଜ୍ଞାସାଭିତ୍ତିକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଓ ସଂପାନ ଅନୁଷ୍ଠିତ ହୋଇଥିଲା। ଆଗାମୀ ୮ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ଡିଏଭି ଚନ୍ଦ୍ରଶେଖରପୁରର ଆନନ୍ଦଚନ୍ଦ୍ର ଦାସ, ଈଶା ଈପ୍‌ସିତା ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।

ପୂର୍ଣ୍ଣତ୍ୱପ୍ରାପ୍ତି-ଈଶ୍ୱର ଅନୁଗାମୀ ରାସ୍ତାରେ ଦଣ୍ଡ ହିଁ କୋଦଣ୍ଡ ପ୍ରାପ୍ତି କରାଏ, କଷ୍ଟ ହିଁ କୃଷ୍ଣ ପ୍ରାପ୍ତି କରାଏ, ମୃତ୍ୟୁ ହିଁ ମୃତ୍ୟୁଞ୍ଜୟ କରାଏ। ସବୁ ହରଣ ହେଲେ ହିଁ ହରିଙ୍କୁ ପ୍ରାପ୍ତ ହୁଏ, ଶୂନ୍ୟ ହୋଇଗଲେ ଜାଣିବ ନିଶ୍ଚୟ ପୂର୍ଣ୍ଣତ୍ୱପ୍ରାପ୍ତିର ସମୟ ଉପନୀତ ହେଲା ବୋଲି।

SANCHAR
ସଂଚାର

୪ ଶନିବାର ୭ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Saturay 7 September 2024 Bhubaneswar

# ଓଡ଼ିଶାର ଅଲୋଡ଼ା ରେକର୍ଡ

ବିଧାନସଭାରେ ସରକାରଙ୍କ ଦ୍ୱାରା ଉପସ୍ଥାପିତ ସୂଚନା ଅନୁଯାୟୀ ସାରା ଦେଶରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ପ୍ରଥମ। ବିଗତ 5 ବର୍ଷ ଭିତରେ ଓଡ଼ିଶାରେ 1103ଜଣ ବଜ୍ରପାତରେ ପ୍ରାଣ ହରାଇଥିବା ସରକାରୀ ହିସାବରୁ ପ୍ରକାଶ। କିନ୍ତୁ ବାସ୍ତବ ସଂଖ୍ୟା ଏହାଠାରୁ ଅଧିକ ହୋଇଥାଇପାରେ। ତେବେ 5 ବର୍ଷରେ ବଜ୍ରପାତରେ 1103ଜଣ ପ୍ରାଣ ହରାଇବା କିଛି କମ ନୁହେଁ। ବନ୍ୟା, ବାତ୍ୟା, ଅଂଶୁଘାତ, ଭୂସ୍ଖଳନ ଆଦି ଅନ୍ୟାନ୍ୟ ବିପର୍ଯ୍ୟୟରେ ଯେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି ତାଠାରୁ ଢେର ଅଧିକ ଲୋକ ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଏକଥା ସତ ଯେ, ବଜ୍ରପାତକୁ ରୋକାଯାଇପାରିବ ନାହିଁ। କିନ୍ତୁ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟାକୁ ନିଶ୍ଚିତ ଭାବେ ହ୍ରାସ କରାଯାଇପାରିବ। ଏଥିପାଇଁ ସାମାନ୍ୟ ସର୍ତକତା ଓ ସଚେତନତାର ଆବଶ୍ୟକତା ରହିଛି। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ବନ୍ୟା, ବାତ୍ୟା, ମରୁଡ଼ି ଏହାର ଚିର ସହଚର। ବିଶେଷ କରି ପ୍ରାୟ ପ୍ରତିବର୍ଷ ଓଡ଼ିଶା ଉପକୂଳରେ ଝଡ଼ବାତ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। କିନ୍ତୁ ବନ୍ୟା, ବାତ୍ୟା, ମରୁଡ଼ି ସମ୍ପର୍କରେ ପୂର୍ବରୁ ସୂଚନା ମିଳିଥାଏ ଏବଂ ଏହାର ତୀବ୍ରତା ବା ସମ୍ଭାବ୍ୟ କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ଆକଳନ କରାଯାଇଥାଏ। ତେଣୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଇଥାଏ ଏବଂ ଏଥିରେ ଅନେକ ଜୀବନ ରକ୍ଷା ପାଇଯାଥାଏ। କିନ୍ତୁ ଆଉ କିଛି ବିପର୍ଯ୍ୟୟ ଏତେ ଆକସ୍ମିକ ଭାବେ ଆସିଥାଏ ଯେ ଏଥିପାଇଁ ପ୍ରାକ୍ ପ୍ରସ୍ତୁତି ସମ୍ଭବ ନୁହେଁ। ଏଥିରେ ଧନଜୀବନ ହାନି ଅଧିକ ହୋଇଥାଏ। ଉଦାହରଣ ସ୍ୱରୂପ ଭୂମିକମ୍ପ ହଠାତ ହୋଇଥାଏ ଏବଂ ଏଥିରେ ଅଧିକ ଧନଜୀବନ ହାନି ହୋଇଥାଏ। ଅବଶ୍ୟ ଓଡ଼ିଶା ଏକ ଭୂକମ୍ପ ପ୍ରବଣ ରାଜ୍ୟ ନୁହେଁ। କିନ୍ତୁ ଅନେକ ସମୟରେ ଏକ ଛୋଟ ଇଲାକାରେ ଆକସ୍ମିକ ଟର୍ଣ୍ଣାଡ଼ୋ ସୃଷ୍ଟି ହୋଇଥାଏ। ବହୁ ବର୍ଷ ତଳେ କେନ୍ଦୁଝର ଜିଲ୍ଲା ପୁରୁଣା ବନ୍ଧଗୋଡ଼ା ଗ୍ରାମରେ ଏଭଳି ଭୟଙ୍କର ଟର୍ଣ୍ଣାଡ଼ୋ ହୋଇଥିଲା। ଏଥିରେ ଅକଳ୍ପନୀୟ କ୍ଷୟକ୍ଷତି ହୋଇଥିଲା। ଏହା ଏକ ଆକସ୍ମିକ ବିପର୍ଯ୍ୟୟ। ଏଥିପାଇଁ ପୂର୍ବ ପ୍ରସ୍ତୁତି ସମ୍ଭବ ନୁହେଁ। ଓଡ଼ିଶାରେ ସାଧାରଣତଃ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବଜ୍ରପାତ ଅଧିକ ଦେଖିବାକୁ ମିଳୁଛି। କେତେକଙ୍କ ମତରେ ପୂର୍ବରୁ ମଧ୍ୟ ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ଦେଖିବାକୁ ମିଳିଛି। ଏବେ ଗଣମାଧ୍ୟମ ସକ୍ରିୟ ହୋଇଥିବାରୁ ଏହି ଖବର ପ୍ରଚାରିତ ହେଉଛି ଏବଂ ବଜ୍ରପାତ ଜନିତ ବିପର୍ଯ୍ୟୟ ଅଧିକ ଚର୍ଚ୍ଚିତ ହେଉଛି। ଏହା ସତ, ମାତ୍ର ଏବେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେଉଛି, ଏହାକୁ ସ୍ୱୀକାର କରିବାକୁ ପଡୁଛି। ଅଧିକ ଦିନ ପଛକୁ ଯିବାକୁ ପଡ଼ିବ ନାହିଁ। 30 ବର୍ଷ ତଳେ ଓଡ଼ିଶାରେ ବର୍ଷକୁ ଯେତିକି ଲୋକ ବଜ୍ରପାତରେ ପ୍ରାଣ ହରାଉଥିଲେ, ଏବେ ତାହାଠାରୁ ଅଧିକ ସଂଖ୍ୟକ ବ୍ୟକ୍ତି ବଜ୍ରପାତରେ ପ୍ରାଣ ହରାଉଛନ୍ତି। ଏହାର କାରଣ ହେଲା ପାରିପାର୍ଶ୍ୱିକ ସ୍ଥିତିରେ ପରିବର୍ତ୍ତନ। ସାଧାରଣତଃ ଉଚ୍ଚ ସ୍ଥାନରେ ବଜ୍ରପାତ ଅଧିକ ହୋଇଥାଏ। ଏଥିପାଇଁ ତାଳଗଛ, ନଡ଼ିଆ ଗଛ ଉପରେ ଅନେକ ସମୟରେ ଘଡ଼ଘଡ଼ି, ଚଡ଼ଚଡ଼ି ପଡ଼ିଥାଏ। କିନ୍ତୁ ଗତ କିଛି ବର୍ଷ ହେବ ରାଜ୍ୟରେ ତାଳଗଛ ସଂଖ୍ୟା କମିଚାଲିଛି। ତାଳଗଛର ଆବଶ୍ୟକତା ଲୋକେ ସମ୍ଭବତଃ ଅନୁଭବ କରୁନାହାଁନ୍ତି। ଏହାର ଫାଇଦାକୁ ଲୋକେ ଆର୍ଥିକ ଦୃଷ୍ଟିରୁ ବିଚାର କରୁଛନ୍ତି। ତେଣୁ ଅନେକ ସମୟରେ ତାଳଗଛକୁ ଅବିଚାରିତ ଭାବେ କାଟି ଦିଆଯାଉଛି। ତାଳଗଛ, ନଡ଼ିଆ ଗଛ ଥିଲେ ଏହା ଉପରେ ବଜ୍ରାଘାତ ହୋଇଥାଏ ଏବଂ ମଣିଷ ଜୀବନ ବର୍ତ୍ତିଯାଏ। ସେଥିପାଇଁ ପୂର୍ବରୁ ଲୋକେ ଘର ଆଗରେ ନଡ଼ିଆ ଗଛ, ତାଳଗଛ ଲଗାଉଥିଲେ। କିନ୍ତୁ ସେହି ପରମ୍ପରା ଆଉ ନାହିଁ। ତେଣୁ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ୁଛି। ଆମେ ବଜ୍ରପାତକୁ ରୋକିପାରିବ ନାହିଁ, କିନ୍ତୁ ଏଥିରେ ଯେପରି ଜୀବନ ହାନୀ ସର୍ବନିମ୍ନ ହେବ ସେଥିପ୍ରତି ସତର୍କ ରହିପାରିବା। ବଜ୍ରପାତରେ ମୃତକଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଚାଷୀ ବା ଶ୍ରମିକ। ବର୍ଷା ବେଳେ ସେମାନେ ଖୋଲାପଡ଼ିଆରେ କମ କରୁଥାନ୍ତି ବା ନିକଟସ୍ଥ ପରିତ୍ୟକ୍ତ ଗର ବା ଗଛ ତଳେ ଆଶ୍ରୟ ନିଅନ୍ତି। ଏହା ହିଁ ବିପଦର କାରଣ ହୋଇଥାଏ। ପରିତ୍ୟକ୍ତ ଘର ବା ଗଛ ଉପରେ ଅଧିକ ବଜ୍ରପାତ ହୋଇଥାଏ। ତେଣୁ ଏହା ତଳେ ଆଶ୍ରୟ ନେଇଥିବା କୃଷକ ଏବଂ ଶ୍ରମିକ ପ୍ରାଣ ହରାନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଅନେକ ସମୟରେ ଜନସଚେତନତା ସୃଷ୍ଟି କରାଯାଉଛି ଏବଂ ଲୋକଙ୍କୁ ବଜ୍ରପାତରୁ କିପରି ରକ୍ଷା ପାଇପାରିବେ ସେଥିଲାଗି ପରାମର୍ଶ ଦିଆଯାଉଛି। କିନ୍ତୁ ଅନେକ ଅଶିକ୍ଷିତ ବା ଗରିବ ଲୋକଙ୍କ ପାଖରେ ବିଶେଷ କରି ଶ୍ରମିକ ଶ୍ରେଣୀର ଲୋକଙ୍କ ପାଖରେ ଏହା ପହଞ୍ଚି ପାରୁନାହିଁ। ଏବେ ସରକାର ବଜ୍ରପାତରୁ ସୁରକ୍ଷା ପାଇବାକୁ ଅଧିକ ସଂଖ୍ୟାରେ ତାଳଗଛ ଲଗାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। ଚଳିତ ବର୍ଷ 20 ଲକ୍ଷ ତାଳଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଏତିକି ଯଥେଷ୍ଟ ନୁହେଁ। ଏହାଠାରୁ ଢେର ଅଧବକ ଗଛ ଲଗାଯିବା ଉଚିତ। ଏହା ବ୍ୟତିତ ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସୁଚିନ୍ତିତ ପରାମର୍ଶ ଦିଆଯିବା ଉଚିତ। ସତର୍କତା ଅବଲମ୍ବନ କରାଗଲେ ଅନେକ ଜୀବନ ରକ୍ଷା ହୋଇପାରିବ। ବର୍ଷା ବେଳେ ଘରୁ ନବାହାରିବା, ଯଦି ବିଲରେ କାମ କରୁଛନ୍ତି ତେବେ ତୁରନ୍ତ ନିରାପଦ ଆଶୟ ସ୍ଥଳକୁ ଚାଲିଯିବା ଉଚିତ। ଗଛ ତଳେ କେବେ ବି ଆଶ୍ରୟ ନେବା ଉଚିତ ନୁହେଁ। ବଜ୍ରପାତ ସମ୍ପର୍କରେ ଏବେ ଆଗୁଆ ସୂଚନା ମିଳିପାରୁଛି। କିନ୍ତୁ ଏହା ଏତେ ଅଧିକ ପ୍ରଚାରିତ ହୋଇପାରୁନି। ଏହି ସୂଚନା ମଧ୍ୟ ସୀମିତ ଅଞ୍ଚଳ ପାଇଁ ମିଳିପାରୁଛି। ସବୁ ଅଞ୍ଚଳ ପାଇଁ ଏହା ଉପଲବ୍ଧ ହୋଇପାରୁନି। ତେଣୁ ବଜ୍ରପାତ ଜନିତ ମୃତ୍ୟୁ ରୋକିବାକୁ ସର୍ବନିମ୍ନ ସତର୍କତା ଅବଲମ୍ବନକୁ ଆପଣାଇବା ଉଚିତ। ଏହା ଦ୍ୱାରା କ୍ଷତି ହ୍ରାସ ହୋଇପାରିବ। ତେବେ ମୋଟାମୋଟି ଭାବେ କହିଲେ ପରିବେଶ ଉପରେ ଅତ୍ୟାଚାର ହେଉଛି ବଜ୍ରପାତ ଭଳି ଏକ ଆକସ୍ମିକ ବିପର୍ଯ୍ୟୟର ପ୍ରମୁଖ କାରଣ। ଅବିଚାରିତ ଭାବେ ଗଛ କାଟିବାର ପରିଣାମ ଆମକୁ ଭୋଗିବାକୁ ପଡୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏହାର ଶିକାର ଧନୀ ଲୋକ ବା ସ୍ୱଚ୍ଛଳ ବର୍ଗ ନୁହଁନ୍ତି, ଗରିବ ଏବଂ କୃଷକ, ଶ୍ରମିକଙ୍କ ଭଳି ଖଟିଖିଆ ବ୍ୟକ୍ତି ହେଉଛନ୍ତି। ସେମାନଙ୍କ ଜୀବନ ରକ୍ଷା ଲାଗି ସରକାର ପଦକ୍ଷେପ ନେବା ଉଚିତ। ଓଡ଼ିଶା ସରକାର ବଜ୍ରପାତ ଜନିତ ମୃତ୍ୟୁ ପାଇଁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରୁଛନ୍ତି। ଏ ବାବଦରେ ପ୍ରତିବର୍ଷ ବିପୁଳ ଅର୍ଥ ବ୍ୟୟ ହେଉଛି। ଏହି ଅର୍ଥରେ ବଜ୍ରପାତ ଜନିତ କ୍ଷୟକ୍ଷତି ରୋକିବାକୁ ପଦକ୍ଷେପ ନିଆଗଲେ ଅନେକ ଅମୂଲ୍ୟ ଜୀବନ ରକ୍ଷା ହୋଇପାରନ୍ତା। କେବଳ ତାଳଗଛ ଲଗାଇଲେ ହେବନି, ଖୋଲାସ୍ଥାନରେ ବଜ୍ରପାତ ବିପର୍ଯ୍ୟୟକୁ ରୋକିବା ନିମନ୍ତେ ସ୍ୱତନ୍ତ୍ର ଆର୍ଥିଂ ବ୍ୟବସ୍ଥା ବା ଅନ୍ୟ କିଛି ବିଜ୍ଞାନ ସମ୍ମତ ଉପାୟ ଅବଲମ୍ବନ କରାଯିବା ଉଚିତ। ବଜ୍ରପାତ ପୂର୍ବରୁ ଲୋକଙ୍କୁ ସତର୍କ ଏବଂ ସଚେତନ କରାଯିବା ଆବଶ୍ୟକ। କେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରପାତ ହେବ ସେ ସମ୍ପର୍କରେ ଘଣ୍ଟାଏ ପୂର୍ବରୁ ପୂର୍ବାନୁମାନ କରାଯାଇପାରିଲେ ଏବଂ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇପାରିଲେ ତାହା ଜୀବନରକ୍ଷାକାରୀ ସାବ୍ୟସ୍ତ ହୋଇପାରିବ।

## ସମ୍ପାଦକଙ୍କୁ ପତ୍ର

### ଚାନ୍ଦା ମାଗିବା ସାମାଜିକ ବ୍ୟାଧି

ମହାଶୟ,

ପାର୍ବଣରେ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ ଯାହାକୁ ଏକ ସାମାଜିକ ବ୍ୟାଧି ବୋଲି କହିଲେ ଭୁଲ ହେବ ନାହିଁ। ଏହି ବ୍ୟାଧିର ନାମ ହେଲା ଚାନ୍ଦା। ଗଣେଷ ପୂଜାଠାରୁ ଆରମ୍ଭ କରି ଦଶରା ପର୍ଯ୍ୟନ୍ତ ବିଭିନ୍ନ ପୂଜା ପାର୍ବଣରେ ଅନେକ ସ୍ଥାନରେ ପୂଜା ମଣ୍ଡପରେ ଉତ୍ସବ ପାଳନ କରାଯାଏ। ମୃଣ୍ମୟ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇଥାଏ। ବିଭିନ୍ନ ସାଂସ୍କୃତିକ ଉତ୍ସବ ପାଳନ କରାଯାଏ। ପୁଣି ଭସାଣୀ ଉତ୍ସବ ମଧ୍ୟ ମହାଆଡମ୍ବରରେ ପାଳିତ ହୋଇଥାଏ। ଏଥିରେ ବିପୁଳ ଅର୍ଥ ବ୍ୟୟ ହୋଇଥାଏ। ଏହି ଅର୍ଥ ସାଧାରଣ ଲୋକଙ୍କଠାରୁ ଚାନ୍ଦା ମାଧ୍ୟମରେ ଆଦାୟ କରାଯାଇଥାଏ। ଚାନ୍ଦା ପାଇଁ କାହାକୁ ବାଧ୍ୟ କରିବା ଏବଂ ରାସ୍ତାରେ ଗାଡ଼ ଅଟକାଇ ଚାନ୍ଦା ମାଗିବା ବା ଅପରିଚିତ ବ୍ୟକ୍ତିଙ୍କୁ ଚାନ୍ଦା ମାଗିବା ଏକ ଖରାପ ପରମ୍ପରା। ଏତିକି ଟଙ୍କା ନଦେଲେ ହେବନି ସେଭଳି ଚିନ୍ତାଧାରା ସ୍ପୃହଣୀୟ ନୁହେଁ। ଚାନ୍ଦା ପାଇଁ ଜୁଲମ ଏକ ଆଇନଗତ ଅପରାଧ। ଏହାକୁ ରୋକିବା ନିମନ୍ତେ କଡ଼ା ପଦକ୍ଷେପ ନିଆଯିବା ଉଚିତ।

କୈଳାଶ ଚନ୍ଦ୍ର ବାହିନୀପତି, ଗୋରୁଆଳ, ବ୍ରହ୍ମଗିରି

# ଇତିହାସର ବିକୃତିକରଣ



ସର୍ବେଶ୍ୱର ବେହେରା

ଭାରତୀୟମାନଙ୍କ ମଧ୍ୟରେ ହୀନମଣ୍ୟ ଭାବ ଉଦ୍ରେକ କରିବା ତଥା ଭାରତୀୟ ଇତିହାସକୁ ବିକୃତ କରିବା ପାଇଁ ବ୍ରିଟିଶ ଇତିହାସକାର ଓ ୟୁରୋପୀୟ ବିଦ୍ୱାନମାନେ ଭାରତ ସମ୍ବନ୍ଧରେ ଭ୍ରମାତ୍ମକ ପ୍ରଚାର ସହିତ ଆଧାରହୀନ ତଥ୍ୟ ଉପସ୍ଥାପନ କରିଛନ୍ତି।

ଭାରତ ବିଶ୍ୱର ପ୍ରାଚୀନ ଜୀବନ୍ତ ରାଷ୍ଟ୍ର। ଆଧୁନିକ ଅନୁସନ୍ଧାନରୁ ଜଣାଯାଏ ସିନ୍ଧୁ ସଭ୍ୟତା ମିଶର ସଭ୍ୟତାଠାରୁ ୨୨ ହଜାର ବର୍ଷର ପୁରାତନ। ବହୁକାଳୁ ଏଠାରେ ଏକ ସଭ୍ୟତା ବିଦ୍ୟମାନ ଅଛି। ଏଣୁ ଭାରତର ଇତିହାସ ଲେଖନୀର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। କିନ୍ତୁ ଆଶ୍ଚର୍ଯ୍ୟର କଥା ଊନବିଂଶ ଶତାବ୍ଦୀରେ ବିକଶିତ ୟୁରୋପର ଇତିହାସକାର ଓ ବିଦ୍ୱାନମାନେ ଏପରି ଭ୍ରମାତ୍ମକ ପ୍ରଚାର କରିଛନ୍ତି ଯେ ଭାରତରେ ଇତିହାସ ଲେଖାର ଦୃଷ୍ଟି ଓ ଅବଧାରଣା ନଥିଲା କିମ୍ବା ଭାରତର କୌଣସି ଇତିହାସ ନାହିଁ।

ଜେମ୍ସ ମିଲ (୧୭୭୩-୧୮୩) ନାମକ ବିଦ୍ୱାନ ଉଲ୍ଲେଖ କରିଛନ୍ତି ଯେ ଭାରତରେ ମୁସଲମାନମାନଙ୍କ ଆକ୍ରମଣ ପୂର୍ବରୁ କୌଣସି ଇତିହାସ ନଥିଲା। ସେମାନଙ୍କ ଭୂଗୋଳ, ତିଥି ବର୍ଣ୍ଣନା ତଥା ଇତିହାସ ଦିଶାଭ୍ରଷ୍ଟ, ବିକୃତ ଓ ଅସଙ୍ଗତ ଥିଲା। ହିନ୍ଦୁ ଐତିହାସିକମାନେ କେହି ନଥିଲେ। ଲର୍ଡ଼ ମ୍ୟାକଲେ (୧୮୦୦-୧୮୯୫) ଭାରତର ଇତିହାସକୁ ଦିଗଭ୍ରଷ୍ଟ ଇତିହାସ ବୋଲି ବର୍ଣ୍ଣନା କରିଥିଲେ। କାର୍ଲମାକ୍ସ ଭାରତରେ କୌଣସି ଇତିହାସ ଥିଲା ବୋଲି ସ୍ୱୀକାର କରିନାହାନ୍ତି। ଯଦି କିଛି ଇତିହାସ ଅଛି ତାହା କେବଳ ଆକ୍ରମଣକାରୀ ମାନଙ୍କର। ଲୁଇ ଡ଼ିକିନ୍ସନ (୧୮୬୨-୧୯୩୨) ଉଲ୍ଲେଖ କରିଛନ୍ତି ଯେ ଭାରତରେ କୌଣସି ହିନ୍ଦୁ ଇତିହାସକାର ନଥିଲେ। ଇଂଲଣ୍ଡର ଜୁଲିୟସ ଏଙ୍ଗଲିସ୍ ଭାରତର ଇତିହାସକୁ କଳ୍ପନା ବିଳାସ ଓ ଭ୍ରମାତ୍ମକ ପରମ୍ପରା ରୂପେ ବର୍ଣ୍ଣନା କରିଛନ୍ତି। ଆର୍ଥର ଏନ୍ଥୋନୀ ମ୍ୟାକଡ଼ୋନାଲଡ଼ (୧୮୫୪-୧୯୩୦)ଭାରତୀୟ ସାହିତ୍ୟ ଅତ୍ୟନ୍ତ ଦୁର୍ବଳ ଥିଲାବୋଲି ଉଲ୍ଲେଖ କରିଛନ୍ତି। ପ୍ରସିଦ୍ଧ ଅଷ୍ଟ୍ରିୟାର ପ୍ରାଚ୍ୟବିଦ୍ ମୋରିନ୍ ଇଣ୍ଟରନିଟନ (୧୮୬୩-୧୯୩୭) ଉଲ୍ଲେଖ କରିଛନ୍ତି ଯେ ଭାରତୀୟମାନେ ଉପନ୍ୟାସ, ପୁରାଣ ଓ କାଳ୍ପନିକ ବର୍ଣ୍ଣନା ଆଦି ଉଲ୍ଲେଖ କରିଛନ୍ତି, କୌଣସି ଇତିହାସ ନୁହେଁ। ଏହିପରି ବର୍ଣ୍ଣନା ଜନ ପୋଥଫୁଲ, ଫଲୀଟ (୧୮୪୭-୧୯୧୭), ମାଉଣ୍ଟ ଷ୍ଟୁଆଟ ଏଲିଫିଷ୍ଟନ (୧୭୭୯-୧୮୫୯), କୋବେଲ-ବିଶେଣ୍ଟ ଆର୍ଥର ସ୍ମିଥ (୧୮୪୩-୧୯୨୦) ଆଦିମାନେ କରିଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ କେତେକ ଅଜ୍ଞାନୀ ଇଂରେଜ ଲେଖକମାନେ ବେଦକୁ ଗାଇଆଳ ସଙ୍ଗୀତ ତଥା ବ୍ରାହ୍ମଣମାନଙ୍କର ଜଡ଼ବୁଦ୍ଧି କହିଛନ୍ତି। ସେମାନେ ଉପନିଷଦକୁ ମହତ୍ୱହୀନ ତଥା ପୁରାଣକୁ ପୁରୁଣାପନ୍ଥୀ କଥା ରୂପେ ଅଭିହିତ କରିଛନ୍ତି। ଏହିପରି ରାମାୟଣ ଓ ମହାଭାରତକୁ ମଧ୍ୟ କାଳ୍ପନିକ କହିଛନ୍ତି।

କିନ୍ତୁ ସତ୍ୟ ସମସ୍ତେ ଜାଣନ୍ତି। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଶିଷ୍ୟା ଭଗିନୀ ନିବେଦିତା ନିଜର ଭାଷଣ, ଲେଖା ତଥା ଗ୍ରନ୍ଥଗୁଡ଼ିକରେ ଇଂରେଜମାନଙ୍କ ଦ୍ୱାରା ପ୍ରଚାରିତ ବିକୃତିକୁ କଠୋର ଭାଷାରେ ଭର୍ତ୍ସନା କରିଛନ୍ତି। ସୃଷ୍ଟିର ଆଦ୍ୟକାଳୁ, ପ୍ରାଚୀନ କାଳରେ ଭାରତରେ ବହୁ ଇତିହାସକାରମାନେ ଇତିହାସ ରଚନା କରିଛନ୍ତି। ସେତେବେଳେ ୟୁରୋପରେ ଅନ୍ଧକାର ଯୁଗ ଥିଲା। ବହୁ ପୂର୍ବରୁ ଭାରତରେ ଦିବ୍ୟ ପ୍ରକାଶ ଥିଲା। ଦେଶରେ ନୈତିକ, ସାମାଜିକ ତଥା ସାଂସ୍କୃତିକ ଚେତନା ଜାଗ୍ରତ ଥିଲା। ଜନୈକ ପ୍ରସିଦ୍ଧ ବିଦ୍ୱାନ ପ୍ରାଚୀନ ଭାରତକୁ ଚାରି ଯୁଗ ଅନୁସାରେ ତାତ୍କାଳିକ ଇତିହାସକାରମାନଙ୍କ ନାମ ବର୍ଣ୍ଣନା କରିଛନ୍ତି। ଯୁଗାନୁସାରେ ସତ୍ୟ



ଯୁଗରେ ଦେବଗୁରୁ ବୃହସ୍ପତି ଦେବର୍ଷି ନାରଦ, ମନୁ, ମହର୍ଷି କଣ୍ୱ ପ୍ରସିଦ୍ଧ ଥିଲେ। ତ୍ରେତା ଯୁଗରେ ମହର୍ଷି ବାଲ୍ମୀକି ତଥା ଯାଜ୍ଞବଲ୍କ୍ୟ ଥିଲେ। ଦ୍ୱାପରରେ ପରାଶର, ଭୀଷ୍ମ, କୃଷ୍ଣ ଦ୍ୱୈପାୟନ (ମହର୍ଷି ବେଦବ୍ୟାସ), ବୈଶମ୍ପାୟନ, ଲୋମହର୍ଷଣ, ଶୌନକ, ଦେବଳ ଆଦି ଥିଲେ। କଳି ଯୁଗର ପ୍ରାରମ୍ଭରେ ଗୌତମ, ତିତ୍ତିର, ବତ୍ସାୟନ, ଚରକ, କୌଟିଲ୍ୟ, ପାଣିନୀ, କାତ୍ୟାୟନ, ପତଞ୍ଜଳି, ଦୁର୍ଗ, ବାଣଭଟ୍ଟ, ରାଜଶେଖର, କହ୍ଲଣ, ବିହ୍ଲଣ ଆଦି ଥିଲେ। କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଅତୀତର ୧୧୨ ଜଣ ଲେଖକମାନଙ୍କ ନାମ ଉଲ୍ଲେଖ ଅଛି। କାଶ୍ମୀରର ସୁପ୍ରସିଦ୍ଧ ଇତିହାସକାର କାହ୍ଲଣ ରାଜତରଙ୍ଗିଣୀ କାବ୍ୟରେ ୧୧ ଜଣ ଇତିହାସକାରଙ୍କ କୃତୀ ଉଲ୍ଲେଖ କରିଛନ୍ତି। ସେହିପରି କାଳିଦାସ ଓ ବାଣଭଟ୍ଟଙ୍କ ଗ୍ରନ୍ଥ ତତ୍କାଳୀନ ଭାରତ ଇତିହାସର ସୁପ୍ରସିଦ୍ଧ ଗ୍ରନ୍ଥ। ଏହା ସତ୍ୟ ଯେ ପ୍ରାଚୀନ ଇତିହାସର ଅନେକ ଇତିହାସ ପୁସ୍ତକ ଆଜି ଉପଲବ୍ଧ ନାହିଁ।

ସଂକ୍ଷେପରେ କହିବାକୁ ଗଲେ ଭାରତର ଇତିହାସ ଅକ୍ଷୟ ସାଧନାର ଭଣ୍ଡାର। ପୁରାତତ୍ତ୍ୱ ସାମଗ୍ରୀ ଗୁଡ଼ିକରେ ଭାରତର ପ୍ରାଚୀନତା, ବିଶାଳତା, ସଭ୍ୟତା ଓ ସଂସ୍କୃତି ସମ୍ବନ୍ଧରେ ଉଲ୍ଲେଖ ଅଛି। ଉଦାହରଣ ରୂପେ ହରପ୍ପା ମହେଞ୍ଜୋଦାରୋ, ଲୋଥଲ, ରୋପଡ଼, କାଳୀବଙ୍ଗା, ପାଣ୍ଡୁରାଜାର ଆଦି ଖୋଦେଇରୁ ଭାରତର ପ୍ରାଚୀନତା ଓ ସଭ୍ୟତା ସମ୍ବନ୍ଧରେ ତଥ୍ୟ ମିଳେ। ହଜାର ହଜାର ଅଭିଲେଖ, ଶିଳାଲେଖ, ସୁନା, ଚାନ୍ଦି, ତମ୍ବାର ଅସଂଖ୍ୟ ମୁଦ୍ରା, ଅନେକ ପ୍ରାଚୀନ ସ୍ମାରକୀ, ଭବନ, ତାମ୍ରପାତ୍ର, ଦାନପତ୍ର, ସମର୍ପଣ ପତ୍ର ଆଦିରେ ଏହା ଉପଲବ୍ଧ ଅଛି।

ଏହିପରି ସାହିତ୍ୟରେ ବେଦ, ବ୍ରାହ୍ମଣ, ଅରଣ୍ୟକ ଗ୍ରନ୍ଥ, ଉପନିଷଦ, ବେଦାଙ୍ଗ, ସ୍ମୃତିଗୁଡ଼ିକ ତଥା ପୁରାଣ ଗୁଡ଼ିକ ମହଜୁଦ ଅଛି। ବିଶାଳ ସଂସ୍କୃତ ବାଙ୍ମୀ, ଜୈନ ତଥା ବୌଦ୍ଧ ସାହିତ୍ୟ, ନେପାଳ ରାଜବଂଶାବଳୀ, ଭାରତର ଅକ୍ଷୟ ସାଧନ ଆଦି ଅନେକ ଭଣ୍ଡାର ଅଛି। ଭାରତୀୟ ଇତିହାସରେ ଏତେ ସାମଗ୍ରୀ ମହଜୁଦ ଅଛି, ଯାହାକୁ ଅଧ୍ୟୟନ କରିବା ଗୋଟିଏ ଜନ୍ମରେ ଯଥେଷ୍ଟ ନୁହେଁ।

ଭାରତୀୟ ଇତିହାସ ସାଧନାରେ ପ୍ରାଚୁର୍ଯ୍ୟ ଅଛି। ସ୍ୱାମୀ ବିବେକାନନ୍ଦ କହିଛନ୍ତି- "ବିଶାଳ ସାହିତ୍ୟ କାବ୍ୟ ପଣି-ସିନ୍ଧୁ, ଦର୍ଶନ ଶାସ୍ତ୍ର ଗୁଡ଼ିକ ଓ ବିଭିନ୍ନ ଶାସ୍ତ୍ର ଗୁଡ଼ିକର ପ୍ରତ୍ୟେକ ପଙ୍କ୍ତିର ଶ୍ରବଣ, ବିଶିଷ୍ଟ ରାଜବଂଶୀମାନଙ୍କର ବଂଶାବଳୀ ଏବଂ ଜୀବନ ଚରିତ୍ରଗୁଡ଼ିକ ସହସ୍ର ଗୁଣ ଅଧିକ ଚିତ୍ର ପ୍ରଦାନ କରୁଛି।" ସେ ଏହି ଇତିହାସ ଓ ପୁରାଣକୁ ପଞ୍ଚମ ବେଦ ରୂପେ ସ୍ୱୀକାର କରିଥିଲେ।

ମୋ: ୮୨୪୯୩୯୩୫୯୧

# ବାଂଲାଦେଶ ଅସ୍ଥିରତାର ପ୍ରଭାବ

**ବାଂଲାଦେଶ ଘଟଣାରୁ ଭାରତର ରାଜନୈତିକ ଦଳମାନେ ଶିଖିବା ଉଚିତ। ସଂରକ୍ଷଣ ଭଳି ଏକ ସମ୍ବେଦନଶୀଳ ଏବଂ ସ୍ପର୍ଶକାତର ପ୍ରସଙ୍ଗକୁ ଅଧିକ ଉଖୁରାଇବା ଅନୁଚିତ। ଭି ପି ସିଂହ ଯେତେବେଳେ ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଲେ ସେତେବେଳେ ଭାରତରେ ଏହି ଭଳି ହିଂସାତ୍ମକ ଛାତ୍ର ଆନ୍ଦୋଳନ ହୋଇଥିଲା। ସେତେବେଳେ ଭି ପି ସିଂହ ସରକାରର ପତନ ପଛରେ ଏହା ହିଁ ମୁଖ୍ୟ କାରଣ ଥିଲା। ଭି ପି ସିଂହଙ୍କ ମଣ୍ଡଳ ରାଜନୀତିର ଜବାବ ଦେବାକୁ ଯାଇ ବିଜେପି ମନ୍ଦିର ପ୍ରସଙ୍ଗ ଉଠାଇଲା ଏବଂ ଆଡଭାନୀଜୀ ରଥଯାତ୍ରା ଆରମ୍ଭ କଲେ। ପରବର୍ତ୍ତୀ ସମୟରେ କ'ଣ ହେଲା ତାହା ସମସ୍ତେ ଜାଣନ୍ତି। ଏବେ କଂଗ୍ରେସ ଦେଶରେ ଜାତିଭିତ୍ତିକ ଜନଗଣନା ଏବଂ ଜନସଂଖ୍ୟାରେ ଯେଉଁ ଜାତିର ଅନୁପାତ ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ ବୋଲି କହିଛି।**

ଦିବ୍ୟଜ୍ୟୋତି ପ୍ରହରାଜ

ପଡ଼ୋଶୀ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଏବଂ ପରିବର୍ତ୍ତନର ପ୍ରଭାବ ଭାରତ ଉପରେ କେତେ ପଡ଼ିବ ତହା ଏବେ ଆକଳନ କରାଯାଇପାରିବ ନାହିଁ। ଭାରତ-ବାଂଲାଦେଶ ସମ୍ପର୍କ ଏହା ଦ୍ୱାରା କେତେଦୂର ପ୍ରଭାବିତ ହେବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଭାରତ ପଡ଼ୋଶୀ ଦେଶରେ ଘଟୁଥିବା ପରିବର୍ତ୍ତନ ଉପରେ ସତର୍କ ଦୃଷ୍ଟି ରଖିବା ଉଚିତ। ଶେଖ ହାସିନାଙ୍କ ସରକାର ବେଶ ସୁଦୃଢ଼ ଥିଲା ଏବଂ ତାଙ୍କ ନେତୃତ୍ୱରେ ବାଂଲାଦେଶ ପ୍ରଗତିପଥରେ ଚାଲିଥିଲା। ଶ୍ରୀଲଙ୍କା ଓ ପାକିସ୍ତାନ ତୁଳନାରେ ବାଂଲାଦେଶର ଅର୍ଥନୀତି ଯଥେଷ୍ଟ ଭଲ। କିନ୍ତୁ ଗୋଟିଏ ପ୍ରସଙ୍ଗ ଏତେ ବଡ଼ ଆନ୍ଦୋଳନ ସୃଷ୍ଟି କଲା ଯେ, ପ୍ରଧାନମନ୍ତ୍ରୀ ଦେଶ ଛାଡ଼ି ପଳାଇବାକୁ ବାଧ୍ୟ ହେଲେ। ସରକାରୀ ଚାକିରୀ ବିଶେଷ କରି ଉଚ୍ଚ ପଦପଦବୀରେ ସଂରକ୍ଷଣକୁ ବିରୋଧ କରି ଛାତ୍ରମାନେ ରାସ୍ତାକୁ ଓହ୍ଲାଇଲେ। ଛାତ୍ରମାନଙ୍କର ଅଭିଯୋଗ ଥିଲା ଯେ, ସିଭିଲ ସର୍ଭିସ ଭଳି ଉଚ୍ଚ ପଦପଦବୀରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ଫଳରେ ମେଧାବୀ ଛାତ୍ରଛାତ୍ରୀମାନେ ଅନ୍ୟାୟର ଶୀକାର ହେଉଛନ୍ତି। ଛାତ୍ରମାନଙ୍କର ଅଭିଯୋଗ ଏବଂ କ୍ଷୋଭ ସମ୍ପୂର୍ଣ୍ଣ ଯଥାର୍ଥ। ସଂରକ୍ଷଣ ଏକ ଅସ୍ଥାୟୀ ବ୍ୟବସ୍ଥା। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲାଗୁ କରାଯାଇପାରିବ ନାହିଁ। ୧୯୭୧ର ମୁକ୍ତି ଆନ୍ଦୋଳନର ଯୋଦ୍ଧାଙ୍କ ଦାୟାଦଙ୍କ ପାଇଁ ହାସିନା ସରକାର ଯେଉଁ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ତାହାସବୁଦିନ ପାଇଁ ବଜାୟ ରହିବାର ଯଥାର୍ଥତା ନଥିଲା। ଏହି କଥାକୁ ହାସିନା ବୁଝିବା ଆବଶ୍ୟକ ଥିଲା। ଯଦି ଛାତ୍ରମାନଙ୍କ ଦାବି ଏବଂ କ୍ଷୋଭକୁ ଅନୁଭବ କରି ସେ ମୂଳରୁ କିଛି ପଦକ୍ଷେପ ନେଇଥାଆନ୍ତେ ତେବେ ଆଜି ତାଙ୍କୁ ଦେଶଛାଡ଼ି ପଳାୟନ କରିବାର ଆବଶ୍ୟକତା ପଡ଼ିନଥାନ୍ତା। ବାଂଲାଦେଶରେ ଏହି ଛାତ୍ର ଆନ୍ଦୋଳନ ହଠାତ ଆରମ୍ଭ ହେଲା ଏବଂ ଦାବାନଳ ପରି ଏହା ବ୍ୟାପିଗଲା। ମାସକ ଭିତରେ 3ଶହରୁ ଅଧିକ ପ୍ରାଣ ହରାଇଲେ। କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହେଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ହାସିନା ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହେଲେ। ତେଣୁ ସେନା ବାହିନୀକୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଲା। ବାଂଲାଦେଶ ଇତିହାସରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୧୯୭୫ରେ ଭାରତରେ ଠିକ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା। ଟଙ୍କା ଓ ବାହୁବଳରେ ନିର୍ବାଚନ ଜିତିବା ଗଣତନ୍ତ୍ର ନୁହେଁ ବୋଲି ମତବ୍ୟକ୍ତ କରି ଲୋକନାୟକ ଜୟପ୍ରକାଶ ନାରାୟଣ ସମ୍ପୂର୍ଣ୍ଣ କ୍ରାନ୍ତି ନିମନ୍ତେ ଆହ୍ୱାନ କରିଥିଲେ। ଜେପିଙ୍କ ଆହ୍ୱାନରେ ସାରା ଦେଶରେ ନିଆଁ ଜଳିଥିଲା। ଗୁଜରାଟରେ ଛାତ୍ର ଆନ୍ଦୋଳନ ଏତେ ଭୟଙ୍କର ହେଲା ଯେ, ରାଜ୍ୟରେ ତତ୍କାଳୀନ କଂଗ୍ରେସ ସରକାର ଭାଙ୍ଗିଗଲା। ବିହାରରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହେଲା। ଶେଷରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଦେଶରେ ଜରୁରୀ ପରିସ୍ଥିତି ଜାରି କରିବାକୁ ପଡ଼ିଲା। ଭାରତ ଇତିହାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ନିର୍ଣ୍ଣାୟକ ମୋଡ଼ ଭାବେ ବିବେଚିତ ହୋଇଆସୁଛି। ଏବେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଯୋଗୁ ହାସିନା ସରକାର ଭାଙ୍ଗିଯିବା ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଦେଶ ଛାଡ଼ି ଚାଲିଯିବା ଭଳି ପରିସ୍ଥିତିକୁ ଦେଖି କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଆଇନମନ୍ତ୍ରୀ ସଲମାନ ଖୁର୍ସିଦ ଏକ ବିବାଦୀୟ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ବାଂଲାଦେଶ ଭଳି ଭାରତରେ ମଧ୍ୟ ଏଭଳି ଏକ ସରକାର ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଯଦିଓ ଉପରକୁ ସବୁଠିକଠାକ ଲାଗୁଛି, କିନ୍ତୁ ଭିତରେ ଭିତରେ ଜନ ଅସନ୍ତୋଷ କୁହୁଳୁଛି। ଏହା କେତେବେଳେ ବିସ୍ଫୋରକ ରୂପ ନେବ ତାହା କୁହାଯାଇପାରିବ ନାହିଁ। ସଲମାନଙ୍କ ଏହି ବିପଜ୍ଜନକ ବୟାନକୁ ବିଜେପି ସମାଲୋଚନା କରିଛି ଏବଂ କଂଗ୍ରେସ ଦେଶର ସ୍ୱାର୍ଥ ଅପେକ୍ଷା ସଂକୀର୍ଣ୍ଣ ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛି। ଭାରତରେ ମଧ୍ୟ ଅସ୍ଥିରତା ସୃଷ୍ଟି ହେଉ, ହିଂସାତ୍ମକ ଆନ୍ଦୋଳନ ହେଉ ଏବଂ ନରେନ୍ଦ୍ର ମୋଦି କ୍ଷମତାଚ୍ୟୁତ ହୁଅନ୍ତୁ ଏହା କଂଗ୍ରେସ ଚାହୁଁଛି। କଂଗ୍ରେସ ସବୁ ବେଳେ ଦେଶବିରୋଧୀ ଏବଂ ବିଚ୍ଛିନ୍ନତାବାଦୀଙ୍କ ସହ ହାତ ମିଳାଇ ଆସିଛି ବୋଲି ବିଜେପି ଅଭିଯୋଗ କରିଛି। ରାହୁଲ ଗାନ୍ଧି ଯେବେ ବି ବିଦେଶକୁ ଯାଇଛନ୍ତି, ସେତେବେଳେ ଭାରତ ସରକାରଙ୍କ ବିରୋଧରେ ବୟାନ ଦେଇଛନ୍ତି। ଗୁପ୍ତରେ ବିଚ୍ଛିନ୍ନତାବାଦୀ ଏବଂ ଆତଙ୍କୀ ସଙ୍ଗଠନ ନେତାଙ୍କୁ ଭେଟିଛନ୍ତି। ବିଜେପିର ଏହି ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ। କହିବା ବାହୁଲ୍ୟ ଯେ, ରାହୁଲ ଗାନ୍ଧିଙ୍କ ପ୍ରତି ପାକିସ୍ତାନର ସହାନୁଭୂତି ରହିଛି ଏବଂ ଭାରତରେ ମୋଦି ସରକାରର ପତନ ହୋଇ ରାହୁଲ କ୍ଷମତାକୁ ଆସୁ ଏହା ପାକିସ୍ତାନ ଚାହୁଁଛି। ଗତ ୧୦ ବର୍ଷ ଭିତରେ ଭାରତରେ ଯେତେବେଳେ କୌଣସି ପ୍ରସଙ୍ଗରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଛି ସେତେବେଳେ କଂଗ୍ରେସ ଏହାକୁ ସମର୍ଥନ ଏବଂ ଉସୁକାଇଛି। ସିଏଏ ବିରୋଧୀ ଆନ୍ଦୋଳନ ହେଉ ଅଥବା କୃଷକ ଆନ୍ଦୋଳନ କଂଗ୍ରେସର ଆଭିମୁଖ୍ୟ ସବୁ ବେଳେ ଦେଶର ସ୍ୱାର୍ଥ ବିରୋଧୀ ହୋଇଛି। କୃଷକ ଆନ୍ଦୋଳନକୁ ବିଦେଶୀରେ ଥିବା ଅନେକ ଦେଶ ବିରୋଧୀ ସଙ୍ଗଠନ ବିଶେଷ କରି କାନାଡ଼ାର ଖଲିସ୍ତାନୀମାନେ ସମର୍ଥନ କରିଛନ୍ତି। କଂଗ୍ରେସ ସେମାନଙ୍କ ସହ ହାତ ମିଳାଇଛି। ମଣିପୁରରେ ହିଂସାକୁ କଂଗ୍ରେସ ରାଜନୀତିର ରଙ୍ଗ ଦେଇଛି। ବିଦେଶରେ କିଏ କ'ଣ କହିଲା ତାହା ଭିନ୍ନ କଥା। କିନ୍ତୁ ଦେଶର ମୁଖ୍ୟ ବିରୋଧୀ ଦଳ ଦେଶର ସ୍ୱାର୍ଥ ବିରୋଧରେ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ସଲମାନ ଖୁର୍ସିଦଙ୍କ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ, ବାଂଲାଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଭାରତରେ ମଧ୍ୟ ସେହି ପରିସ୍ଥିତି ସୃଷ୍ଟି ହେଉ ବୋଲି କଂଗ୍ରେସ ଚାହୁଁଛି। କିନ୍ତୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆକାଶ-ପାତାଳ ପ୍ରଭେଦ। ତେବେ ବାଂଲାଦେଶ ଘଟଣାରୁ ଭାରତର ରାଜନୈତିକ ଦଳମାନେ ଶିଖିବା ଉଚିତ। ସଂରକ୍ଷଣ ଭଳି ଏକ ସମ୍ବେଦନଶୀଳ ଏବଂ ସ୍ପର୍ଶକାତର ପ୍ରସଙ୍ଗକୁ ଅଧିକ ଉଖୁରାଇବା ଅନୁଚିତ। ଭି ପି ସିଂହ ଯେତେବେଳେ ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଲେ ସେତେବେଳେ ଭାରତରେ ଏହି ଭଳି ହିଂସାତ୍ମକ ଛାତ୍ର ଆନ୍ଦୋଳନ ହୋଇଥିଲା। ସେତେବେଳେ ଭି ପି ସିଂହ ସରକାରର ପତନ ପଛରେ ଏହା ହିଁ ମୁଖ୍ୟ କାରଣ ଥିଲା। ଭି ପି ସିଂହଙ୍କ ମଣ୍ଡଳ ରାଜନୀତିର ଜବାବ ଦେବାକୁ ଯାଇ ବିଜେପି ମନ୍ଦିର ପ୍ରସଙ୍ଗ ଉଠାଇଲା ଏବଂ ଆଡଭାନୀଜୀ ରଥଯାତ୍ରା ଆରମ୍ଭ କଲେ। ପରବର୍ତ୍ତୀ ସମୟରେ କ'ଣ ହେଲା ତାହା ସମସ୍ତେ ଜାଣନ୍ତି। ଏବେ କଂଗ୍ରେସ ଦେଶରେ ଜାତିଭିତ୍ତିକ ଜନଗଣନା ଏବଂ ଜନସଂଖ୍ୟାରେ ଯେଉଁ ଜାତିର ଅନୁପାତ ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ ବୋଲି କହିଛି। ରାହୁଲ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ସଂରକ୍ଷଣ ସର୍ବୋଚ୍ଚ ସୀମାକୁ 50%ରୁ ଅଧିକ କରିବ। ପୁଣି ଘରୋଇ ଚାକିରୀରେ ସଂରକ୍ଷଣ, ରାଜ୍ୟ ସ୍ତରରେ ସ୍ଥାନୀୟ ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ସପକ୍ଷରେ କଂଗ୍ରେସ ମତବ୍ୟକ୍ତ କରିଆସୁଛି। ବାଂଲାଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦେଖିବା ପରେ କଂଗ୍ରେସ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିବ ବୋଲି ଆଶା। ନଚେତ ଦେଶରେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ଏବଂ ବିଦେଶରୁ ପୁଞ୍ଜିନିବେଶ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇପାରେ। ଜାତି ଭିତ୍ତିରେ ଦେଶକୁ ଆଉ ବିଭାଜିତ ହେବାକୁ ଦିଆନଯାଉ। ସଲମାନ ଖୁର୍ସିଦ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କର ବ୍ୟକ୍ତିଗତ ମତ ହୋଇପାରେ। କିନ୍ତୁ ସେ କଂଗ୍ରେସର ଜଣେ ଆଗଧାଡ଼ିର ନେତା। ଏହା ଉପରେ କଂଗ୍ରେସ ସ୍ପଷ୍ଟିକରଣ ଦେବା ଉଚିତ। ଯଦି ସଲମାନ୍ ଖୁର୍ସିଦଙ୍କର ଏହା ବ୍ୟକ୍ତିଗତ ମତ ହୋଇଥିବ, କେବେ ବି କଂଗ୍ରେସ ଏହା ଉପରେ ନିଜ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ କରିବା ଉଚିତ। ଅତୀତରେ ମଧ୍ୟ ଖୁର୍ସିଦ ଅନେକ ପ୍ରସଙ୍ଗରେ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହାକୁ କଂଗ୍ରେସ ନିରବ ସମର୍ଥନ କରିଛି। ନାଗରିକ ସଂଶୋଧନ ଆଇନ (ସିଏଏ) ପ୍ରସଙ୍ଗରେ କଂଗ୍ରେସ ଭିନ୍ନ ମତ ରଖିଥିଲା। ଧର୍ମନିରପେକ୍ଷତାକୁ ଆଧାର କରି ସିଏଏକୁ କଂଗ୍ରେସ ବିରୋଧ କରିବା ସହ ଏହା ସମ୍ବିଧାନ ବିରୋଧୀ କହିଥିଲା। ଏହି ବିଲ୍ ସଂସଦରେ ଗୃହିତ ହେବାବେଳେ କଂଗ୍ରେସ ନେତା ପି ଚିଦାମ୍ବରମ୍ ଏହା ସୁପ୍ରିମକୋର୍ଟରେ ନିଶ୍ଚିତ ଭାବେ ଖାରଜ ହୋଇଥିବ ବୋଲି କହିଥିଲେ। କିନ୍ତୁ ତାଙ୍କର ଆକଳନ ଭୁଲ ପ୍ରମାଣିତ ହେଲା। ଏବେ ବାଂଲାଦେଶରେ ସୃଷ୍ଟି ହୋଇଥିବା ପରିସ୍ଥିତି ସିଏଏର ଆବଶ୍ୟକତାକୁ ଅନୁଭବ କରାଉଛି। ଅତୀତରେ ଆଫଗାନିସ୍ଥାନରେ ତାଲିବାନ କ୍ଷମତା ଦଖଲ କରିବା ପରେ ଅନେକ ସଂଖ୍ୟାଲଘୁ ଭାରତରୁ ଚାଲିଆସିଥିଲେ। ସେମାନଙ୍କୁ ଭାରତ ସରକାର ଶରଣ ଦେଇଛନ୍ତି। ସେମାନଙ୍କ ଲାଗି ସିଏଏର ଯଥାର୍ଥତାକୁ କଂଗ୍ରେସ ଅସ୍ୱୀକାର କରିପାରିବ କି?



# ଆରଜେଡି ସହ ମେଣ୍ଟ ଭୁଲ ନିଷ୍ପତ୍ତି ଥିଲା



ପାଟନା, ୬।୯: ଅତୀତରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧିନ ଆରଜେଡି ସହ ମେଣ୍ଟ ଏକ ଭୁଲ ନିଷ୍ପତ୍ତି ଥିଲା ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି। ଏହି ଭୁଲ ପାଇଁ ସେ ନିଜକୁ ଦାୟୀ କରିଛନ୍ତି। ଶୁକ୍ରବାର ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଉପସ୍ଥିତିରେ ଆୟୋଜିତ ଏକ ସମାରୋହରେ ନୀତିଶ ଏହା କହିଛନ୍ତି। ୨୦୨୨ରେ ନୀତିଶ ବିଜେପି ହାତ ଛାଡ଼ି ଆରଜେଡି ସହ ହାତ ମିଳାଇଥିଲେ। ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲା। ସେତେବେଳେ ନୀତିଶ କହିଥିଲେ ଯେ, ବିଜେପି ତାଙ୍କୁ ପଛରୁ ଛୁରା ମରିଛି। କିନ୍ତୁ ଆରଜେଡି ସହ ତାଙ୍କର ମେଣ୍ଟ ଅଧିକ ଦିନ ଚାଲିପାରିଲା ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ସେ ପୁଣି ଆରଜେଡି ହାତ ଛାଡ଼ି ଏନଡିଏକୁ ଫେରିଲେ।

ଗତ ଲୋକସଭା ନିର୍ବାଚନରେ ବିହାରରେ ଏନଡିଏ ନୀତିଶ କୁମାରଙ୍କ ନେତୃତ୍ୱରେ ଲଢ଼ିଥିଲା ଏବଂ ସଫଳତା ପାଇଥିଲା। ଏହା ପୂର୍ବରୁ ମଧ୍ୟ ନୀତିଶ ଏନଡିଏ ପରିତ୍ୟାଗ କରି ଆରଜେଡି ସହ ହାତ ମିଳାଇଥିଲେ ଏବଂ ୨୦୧୫ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ଆରଜେଡି-ଜେଡିୟୁ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା,ବଂ ନୀତିଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦୁଇ ବର୍ଷ ଭିତରେ ଏହି ମେଣ୍ଟ ଭାଙ୍ଗିଯାଇଥିଲା ଏବଂ ନୀତିଶ ଏନଡିଏକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ନୀତିଶ କହିଛନ୍ତି ଯେ, ସେ ପୁନର୍ବାର ଏହି ଭୁଲ କରିବେ ନାହିଁ। ଦୁଇଥର ସେ ଆରଜେଡି ସହ ହାତ ମିଳାଇଛନ୍ତି। ଉଭୟ ଥର ସେ ଧୋକ୍କା ଖାଇଛନ୍ତି ବୋଲି କହିଛନ୍ତି। ଏନଡିଏ ସହ ଶେଷ ପର୍ଯ୍ୟନ୍ତ ରହିବେ। ବିଜେପି ବା ଏନଡିଏ ସହ ଜେଡିୟୁର ସମ୍ପର୍କ ନବେ ଦଶକରୁ ଆରମ୍ଭ ହୋଇଥିଲା। ତତ୍କାଳୀନ ସମତା ପାର୍ଟୀର ନେତା ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ଆମେ ଏନଡିଏରେ ସାମିଲ ହୋଇଥିଲୁ ବୋଲି ନୀତିଶ କହିଛନ୍ତି। ବିହାରବାସୀ କଂଗ୍ରେସକୁ ବହୁ ବର୍ଷ ତଳୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଲାଲୁ କଂଗ୍ରେସ ବିରୋଧରେ ଲଢ଼ି ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଏବେ ସେ କ୍ଷମତା ପାଇଁ ଏହାକୁ ପୁନର୍ଜୀବିତ କରିବାକୁ ପ୍ରୟାସ କରୁଛନ୍ତି। ବିହାରବାସୀ ଆରଜେଡିକୁ ମଧ୍ୟ କଂଗ୍ରେସ ଭଳି ଅଳିଆ ଗଦାକୁ ପିଙ୍ଗିଦେବେ ବୋଲି ସେ କହିଛନ୍ତି।



# ଫୋଗତ-ପୁନିଆ କଂଗ୍ରେସରେ ସାମିଲ

ଚଣ୍ଡିଗଡ଼, ୬।୯: ରେସଲର ଭିନେଶ ଫୋଗତ ଓ ବଜରଙ୍ଗ ପୁନିଆ ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି। ଆଜି ଏଆଇସିସି ହେଡକ୍ୱାର୍ଟରରେ ଦଳର ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗ ଦେଇଛନ୍ତି। ପୂର୍ବରୁ ଦୁହେଁ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ସାକ୍ଷାତ କରିବା ପରେ ଉଭୟେ କଂଗ୍ରେସରେ ସାମିଲ ହେଉଥିବା ସ୍ପଷ୍ଟ ହୋଇଥିଲା। ହରିୟାନା ବିଧାନସଭା ନିର୍ବାଚନରେ ଉଭୟେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେଉଥିବା ଜଣାଯାଇଛି। ଭିନେଶ ଫୋଗତ ପ୍ୟାରିସ ଅଲିମ୍ପିକ୍ସରେ ୫୦ କେଜି ମହିଳା ବର୍ଗ କୁସ୍ତିରେ ଫାଇନାଲକୁ ଉନ୍ନୀତ ହୋଇ ଭାରତ ନିମନ୍ତେ ଏକ ମେଡାଲ ସୁନିଶ୍ଚିତ କରିଥିବା ବେଳେ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ହେବାରୁ ସେ ପାଇନାଲ ଖେଳିବାରୁ ଅଯୋଗ୍ୟ ଘୋଷିତ ହୋଇଥିଲେ। ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ବଜରଙ୍ଗ ପୁନିଆ କୁସ୍ତି ମହାସଂଘର ମୁଖ୍ୟ ବିଜେପିର ତତ୍କାଳୀନ ସାଂସଦ ବ୍ରିଜ ଭୂଷଣ ସିଂହଙ୍କ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇ ବେଶ ଚର୍ଚ୍ଚିତ ହୋଇଥିଲେ। କଂଗ୍ରେସରେ ଯୋଗ ଦେବା ପରେ ବଜରଙ୍ଗ ପୁନିଆ କହିଛନ୍ତି ଯେ, ତାଙ୍କର ସଂଘର୍ଷ ଏବଂ ବ୍ରିଜଭୂଷଣଙ୍କ ବି;ରାଧରେ ଆନ୍ଦୋଳନ ବେଳେ କଂଗ୍ରେସ ତାଙ୍କ ସାଥ ଦେଇଥିଲା। ଆଗାମୀ ନିର୍ବାଚନରେ ଫୋଗତ ଓ ପୁନିଆଙ୍କ କଂଗ୍ରେସ ଟିକେଟ ଦେବ କି ବୋଲି ପ୍ରଶ୍ନର ଉତ୍ତରରେ ବେଣୁଗୋପାଳ କହିଛନ୍ତି ଯେ, ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ଏ ସମ୍ପର୍କରେ ନିଷ୍ପତ୍ତି ନେବ।



## ବିଜେପି ଛାଡିଲେ ସାବିତ୍ରୀ ଜିନ୍ଦଲ

ନୂଆଦିଲ୍ଲୀ,୬।୯: ହରିୟାଣା ବିଧାନସଭା ନିର୍ବାଚନ ଆଗକୁ ଥିବାବେଳେ ଭାଜପାକୁ ଲାଗିଛି ବଡ଼ ଝଟ୍‌କା। ଦଳ ନିର୍ବାଚନ ପାଇଁ ଅଣ୍ଟା ଭିଡିଥିବାବେଳେ ଦେଶର ଚତୁର୍ଥ ଧନୀ ମହିଳା ସାବିତ୍ରୀ ଜିନ୍ଦଲ ଭାଜପାର ହାତ ଛାଡିଛନ୍ତି। ଦଳ ବିରୋଧରେ ବିଦ୍ରୋହ କରି ସେ ସ୍ୱାଧୀନ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରିଛନ୍ତି।

ହରିୟାଣା ବିଧାନସଭା ନିର୍ବାଚନ ପାଇଁ ବୁଧବାର ଭାଜପା ୬୭ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। କିନ୍ତୁ ଦଳର ତାଲିକା ପ୍ରକାଶ ପାଇବା ମାତ୍ରେ ଭାଜପାରେ କମ୍ପନ ସୃଷ୍ଟି ହୋଇଛି। ଟିକେଟ ନ ପାଇବା ପରେ ଅନେକ ନେତା ରାଗି ଯାଇଥିଲେ। ଏହି କାରଣରୁ ଅନେକ ରାଗିଯାଇ ସୋସିଆଲ ମିଡିଆରେ ଦଳରୁ ଇସ୍ତଫା ପତ୍ର ଦାଖଲ କରିଥିଲେ। ହେଲେ ଏହାପରେ ଦେଶର ଚତୁର୍ଥ ଧନୀ ମହିଳା ତଥା ପୂର୍ବତନ ମନ୍ତ୍ରୀ ସାବିତ୍ରୀ ଜିନ୍ଦଲ ମଧ୍ୟ ଭାଜପା ବିରୋଧରେ ବିଦ୍ରୋହ ଆରମ୍ଭ କରିଛନ୍ତି। ଭାଜପାରୁ ଟିକେଟ ନ ପାଇବା ପରେ ସେ ହିସାରର ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଛନ୍ତି।

ସ୍ୱାଧୀନ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିବା ପରେ ସାବିତ୍ରୀ ଜିନ୍ଦଲ କହିଛନ୍ତି, ମୁଁ ଭାଜପାର ସଦସ୍ୟ ନୁହେଁ। ହିସାରର ଲୋକମାନେ ଯାହା କହିବେ ମୁଁ ତାହା କରିବି। ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି।

## ଆଇସକ୍ରିମରେ ମିଶ୍ରଣ ହେଉଥିଲା ହ୍ୱିସ୍କି, ୨ ଗିରଫ

ଚେନ୍ନାଇ, ୬।୯: ଆଇସକ୍ରିମ୍ ପାର୍ଲରରେ ଚାଲିଥିଲା ଅପମିଶ୍ରଣ। ଚଢାଉ କରି ପାର୍ଲରକୁ ସିଜ୍ କରିଛି ଅବକାରୀ ବିଭାଗ। ହ୍ୱିସ୍କି ଲେସ୍ ଆଇସକ୍ରିମ୍ ବିକ୍ରୟ ଅଭିଯୋଗ ପରେ ଚଢାଉ କରାଯାଇଥିଲା। ହାଇଦ୍ରାବାଦ ଜୁବଲି ହିଲ୍ସ ଅଞ୍ଚଳରେ ଥିବା ଏକ ଆଇସକ୍ରିମ ପାର୍ଲରେ ହ୍ୱିସ୍କି ମିଶ୍ରଣ କରାଯାଉଥିଲା। ୬୦ ଗ୍ରାମ ଆଇସକ୍ରିମରେ ୧୦୦ ମିଲିଲିଟର ହ୍ୱିସ୍କି ମିଶ୍ରଣ କରି ଅଧିକ ଦାମରେ ବିକ୍ରି କରାଯାଉଥିଲା। ଏନେଇ ଖବର ପାଇ ଆଜି ଅବକାରୀ ବିଭାଗ ପାର୍ଲରରେ ଚଢାଉ କରିଥିଲା। ପାର୍ଲରରୁ ପ୍ରାୟ ୧୧.୫୦ କିଲୋଗ୍ରାମ ହ୍ୱିସ୍କି ଆଇସ୍କ୍ରିମ୍ ଜବତ କରାଯିବା ସହ ଦୋକାନକୁ ସିଜ୍ କରାଯାଇଛି। ଏହି ମାମଲାରେ ଆଇସକ୍ରିମ ପାର୍ଲରର ମାଲିକ ଦୟାକର ରେଡ୍ଡୀ ଏବଂ

# ଗଣଦୁଷ୍କର୍ମ ନୁହେଁ, ସଞ୍ଜୟ ରାୟ ଏକମାତ୍ର ଦୁଷ୍କର୍ମକାରୀ: ସିବିଆଇ



କୋଲକାତା, ୬।୯: ଆରଜି କର ମେଡିକାଲ କଲେଜରେ ଟ୍ରେନି ମହିଳା ଡାକ୍ତର (ଅଭୟା)ଙ୍କ ପ୍ରତି ଗଣଦୁଷ୍କର୍ମ ହୋଇନି ବୋଲି ସିବିଆଇ ସ୍ପଷ୍ଟ କରିଛି। ଏହି ଘଟଣାରେ ଗିରଫ ଅଭିଯୁକ୍ତ ସଞ୍ଜୟ ରାୟ ଏକମାତ୍ର ଦୁଷ୍କର୍ମକାରୀ ବୋଲି ସିବିଆଇ କହିଛି। ତେବେ ଏହି ଘଟଣା ପରେ ଏହାକୁ ଚାପିଦେବା ଏବଂ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହା ଉପରେ ସିବିଆଇ ଅନୁସନ୍ଧାନ କରୁଛି। ଇତିମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନ ଅର୍ଥ କାରବାର ବା ମନି ଲଣ୍ଡରିଂ ମାମଲାରେ ଆରଜି କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପୂର୍ବତନ ଅଧକ୍ଷ ଡାକ୍ତର ସନ୍ଦୀପ ଘୋଷଙ୍କ ଘରେ ରେଡ କରିଛି। ପୂର୍ବରୁ ସିବିଆଇ ତାଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରିଛି। ଏବେ ସେ ଜେଲରେ ଅଛନ୍ତି। ତାଙ୍କୁ ମଧ୍ୟ ରାଜ୍ୟ ସରକାର ସସପେଣ୍ଡ କରିଛନ୍ତି। ସେ ମେଡିକାଲ କଲେଜର ଅଧ୍ୟକ୍ଷ ଥିବା ବେଳେ ବ୍ୟାପକ ଅର୍ଥ ହେରଫେର କରିଥିବା ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ଇଡି ଏବେ ତଦନ୍ତ ଆରମ୍ଭ କରିଛି।

# ଧାରା ୩୭୦ ଆଉ ଫେରିବନି: ଅମିତ ଶାହ



ଶ୍ରୀନଗର, ୬।୯: ଧାରା ୩୭୦ ଆଉ ଫେରିବନି। ଭବିଷ୍ୟତରେ କେନ୍ଦ୍ର ବା ଜାମ୍ମୁ-କାଶ୍ମୀରରେ ଯିଏ ବି ସରକାର ଗଠନ କରୁ ଧାରା ୩୭୦କୁ ଆଉ ଲାଗୁ କରିପାରିବେ ନାହିଁ ବୋଲି କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

ଶୁକ୍ରବାର ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ବିଜେପିର ନିର୍ବାଚନ ଇସ୍ତାହାରକୁ ଉନ୍ମୋଚନ କରି ଶାହା କହିଛନ୍ତି ଯେ, ଧାରା ୩୭୦ ଉଚ୍ଛେଦ ସହ ଭାରତରେ ଜାମ୍ମୁ-କାଶ୍ମୀରର ମିଶ୍ରଣ ଚୂଡ଼ାନ୍ତ ହୋଇଛି। ଏହା ସହିତ ଜାଶ୍ମୀରର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଶୀଘ୍ର ଏହାକୁ ଏକ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଶହହା କହିଛନ୍ତି ଯେ, ୩୭୦ ଦ୍ୱାରା ଜାମ୍ମୁ-କାଶ୍ମୀରରେ ମହିଳା, ଦଳିତ ଏବଂ ଆଦିବାସୀମାନେ ସଂରକ୍ଷଣ ସୁବିଧା ପାଇପାରୁନଥିଲେ ଏବଂ ସେମାନେ ଅନ୍ୟାୟର ଶୀକାର ହେଉଥିଲେ। ଏହାକୁ ଆମେ ସବୁଦିନ ପାଇଁ ଉଚ୍ଛେଦ କରିଦେଇଛୁ ବୋଲି ଶାହା କହିଛନ୍ତି। ଏହି ପ୍ରସଙ୍ଗରେ ସେ କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସର ଆଭିମୁଖ୍ୟକୁ କଟୁ ସମାଲୋଚନା କରି କହିଛନ୍ତି ଯେ, ଏହି ଦୁଇ ଦଳ ମଧ୍ୟରେ ମେଣ୍ଟ ଏକ ସୁବିଧାବାଦୀ ରାଜନୀତି। ଉଭୟରେ ଭୋଟ ପାଇଁ ଦେଶର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛନ୍ତି। ଏହା ପାକିସ୍ତାନ ପାଇଁ ସ୍ୱାଗତଯୋଗ୍ୟ। ୩୭୦ ଉଚ୍ଛେଦ ପରେ କାଶ୍ମୀର ଟେରୋରିଜିମରୁ ଟୁରିଜମ ହବରେ ପରିଣତ ହୋଇଛି ବୋଲି ଶାହା କହିଛନ୍ତି।



# ‘ଲାଲବାଗ ରାଜା’ଙ୍କୁ ୨୦ କିଲୋ ସୁନାର ମୁକୁଟ ଦାନ କଲେ ଅନନ୍ତ ଅମ୍ବାନୀ

ମୁମ୍ବାଇ,୬।୯: ଗଣେଶ ଉତ୍ସବ ପାଇଁ ସାରା ଦେଶରେ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁମ୍ବାଇର ପ୍ରସିଦ୍ଧ ‘ଲାଲବାଗ ରାଜା’ଙ୍କ ପ୍ରତିମୂର୍ତ୍ତିରୁ ପରଦା ହଟାଇ ଦିଆଯାଇଛି। ଏଥର ବପ୍ପା ମେରୁନ ରଙ୍ଗର ପୋଷାକରେ ନଜର ଆସିଛନ୍ତି ଏବଂ ତାଙ୍କ ମସ୍ତକରେ ଏକ ସୁନା ମୁକୁଟ ଲାଗିଥିବାର ଦେଖାଯାଇଛି। ସୂଚନାନୁସାରେ ଏଥର ରିଲାଏନ୍ସ ଫାଉଣ୍ଡେସନ ଲାଲବାଗ ରାଜା ୨୦ କିଲୋଗ୍ରାମ ସୁନାରେ ନିର୍ମିତ ମୁକୁଟ ପ୍ରଦାନ କରିଛି। ଏହି ମୁକୁଟର ମୂଲ୍ୟ ୧୬ କୋଟି ଟଙ୍କା ରହିଛି। ଏହି ମୁକୁଟରେ ହୀରା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ପଥରଗୁଡ଼ିକ ମଧ୍ୟ ସଜ୍ଜିତ ରହିଛି। ପ୍ରତିବର୍ଷ ଅମ୍ବାନୀ ପରିବାର ଲାଲବାଗ ରାଜାଙ୍କୁ କୋଟି କୋଟି ଟଙ୍କା ଦାନ କରନ୍ତି। ଚଳିତ ବର୍ଷ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ମୁକୁଟ ଦାନ କରିଛନ୍ତି। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀଙ୍କର ମଧ୍ୟ ଲାଲବାଗ ରଜା ସହିତ ବହୁତ ପୁରୁଣା ସମ୍ପର୍କ ରହିଛି। ଅନନ୍ତ ଅମ୍ବାନୀ ପ୍ରତିବର୍ଷ ଲାଲବାଗର ରାଜାଙ୍କୁ ଦେଖା କରିବାକୁ ଯାଇ ତାଙ୍କୁ ନୈବେଦ୍ୟ ଅର୍ପଣ କରନ୍ତି।



## କଂଗ୍ରେସରେ ମିଶିଲେ ଆପ୍ ବିଧାୟକ ଗୌତମ

ନୂଆଦିଲ୍ଲୀ, ୬।୯: ଦିଲ୍ଲୀରେ କ୍ଷମତାସୀନ ଆପ୍‌କୁ ଝଟକା ଲାଗିଛି। ଆଜି ଦଳର ବରିଷ୍ଠ ନେତା ତଥା ବିଧାୟକ ରାଜେନ୍ଦ୍ର ପାଲ ଗୌତମ କଂଗ୍ରେସରେ ସାମିଲ ହୋଇଛନ୍ତି। ଗୌତମ ଦିଲ୍ଲୀ ସରକାରେ ଏକଦା କ୍ୟାବିନେଟ ମନ୍ତ୍ରୀ ଭାବେ ମଧ୍ୟ କାମ କରୁଥିଲେ। ଉଭୟ ଆପ ଓ କଂଗ୍ରେସ ଇଣ୍ଡିଆ ମେଣ୍ଟର ସଦସ୍ୟ। ତଥାପି ଗୌତମ ଇଣ୍ଡିଆ ମେଣ୍ଟର ଗୋଟିଏ ଦଳରୁ ବାହାରି ଆଉ ଗୋଟିଏ ଦଳରେ ମିଶିଛନ୍ତି।

ଗୌତମ ଜଣେ ଦଳିତ ନେତା ଓ ସୀମାପୁରୀର ବିଧାୟକ। ଆଜି ସେ କଂଗ୍ରେସ ମୁଖ୍ୟାଳୟରେ କେସି ଭେନୁଗୋପାଲ, ଦେବେନ୍ଦ୍ର ଯାଦବ ଓ ପବନ ଖେଡ଼ାଙ୍କ ଉପସ୍ଥିତିରେ ହାତ ଧରିଛନ୍ତି। ଆସନ୍ତାବର୍ଷ ଦିଲ୍ଲୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। କଂଗ୍ରେସ ଏଠାରେ ଏକପ୍ରକାରର ଭୋଟ ଶୂନ୍ୟ ହୋଇ ପଡ଼ିଛି। ଏବେ ଗୌତମ ଆସିବାରୁ କଂଗ୍ରେସର ମନୋବଳ ବୃଦ୍ଧି ପାଇଛି। ପେଶାରେ ଜଣେ ଆଇନଜୀବୀ ଭାବେ ପରିଚିତ ଗୌତମ ୨୦୧୪ରେ ଆପ୍‌ରେ ମିଶିଥିଲେ। ୨୦୨୦ ବିଧାନସଭା ନିର୍ବାଚନରେ ସେ ସୀମାପୁରୀ ଆସନରୁ ଜିତିଥିଲେ। ସେ ଦଳିତ ଅଧିକାର ପାଇଁ ସବୁବେଳେ ଲଢ଼େଇ କରି ଆସିଛନ୍ତି। ସେ ଆପ୍ ସରକାରରେ ଏକାଦା ସାମାଜିକ କଲ୍ୟାଣ, ଏସ୍‌ସି/ଏସ୍‌ଟି, ଜଳ ଓ ସମବାୟ ବିଭାଗର ମନ୍ତ୍ରୀ ଥିଲେ। ୨୦୨୨ରେ ସେ ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ୧୦ ହଜାର ଲୋକ ବୌଦ୍ଧ ଧର୍ମ ଗ୍ରହଣ କରୁଥିବା କାର୍ଯ୍ୟକ୍ରମରେ ସେ ସାମିଲ ହୋଇଥିବାରୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏଥିପାଇଁ ସେ ମନ୍ତ୍ରୀ ପଦ ଛାଡ଼ିଥିଲେ।

# ସେବି ମୁଖ୍ୟଙ୍କୁ ସମନ କରିପାରେ ପିଏସି

ମୁମ୍ବାଇ, ୬।୯: ସେବି ମୁଖ୍ୟ ମାଧବୀ ବୁଚଙ୍କ ଅଡୁଆ ବଢ଼ିଛି। ତାଙ୍କ ବିରୁଦ୍ଧରେ ଆସିଥିବା ଅଭିଯୋଗର ଯାଞ୍ଚ କରିବ ସରକାରୀ ଖର୍ଚ୍ଚ ଉପରେ ନଜର ରଖୁଥିବା ସଂସଦର ପବ୍ଲିକ ଆକାଉଣ୍ଟସ କମିଟି (PAC)। ହିଣ୍ଡେନବର୍ଗ ରିପୋର୍ଟ ପରେ ତାଙ୍କ ବିରୁଦ୍ଧରେ ଏକାଧିକ ଅଭିଯୋଗ ଆସିଥିଲା। ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଚଳିତ ମାସ ଶେଷ ଆଡ଼କୁ PAC ତାଙ୍କୁ ଡକାଇବାର ସମ୍ଭାବନା ରହିଛି। ଏଥିପାଇଁ ଖୁବ୍ ଶୀଘ୍ର ତାଙ୍କୁ ସମନ ପଠାଯିବ। କଂଗ୍ରେସ ନେତା କେସି ବେଣୁଗୋପାଳଙ୍କ ନେତୃତ୍ୱରେ ଥିବ PAC ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ମଧ୍ୟ ସମନ କରିପାରେ।

ଅଗଷ୍ଟ 29ରେ ସଂସଦର PAC ବୈଠକରେ ଅନେକ ସଦସ୍ୟ SEBIର କାର୍ଯ୍ୟକାରିତା ଏବଂ ବୁଚଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଦାବି କରିଥିଲେ। ଏହା ପରେ ସମଗ୍ର ବିଷୟ PACରେ ଏଜେଣ୍ଡାରେ ସାମିଲ ହୋଇଥିଲା। ଗତ ମାସ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (SEBI) ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଳ ବୁଚଙ୍କ ବିରୁଦ୍ଧରେ ରିପୋର୍ଟ ପ୍ରକାଶ କରିଥିଲା ହିଣ୍ଡେନବର୍ଗ। ଆଦାନି ଗ୍ରୁପର ସ୍କାମରେ ଜଡିତ ବିଦେଶୀ କମ୍ପାନିରେ ଉଭୟଙ୍କ ଅଂଶଧନ (ଶେଆର୍) ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ଆଦାନୀ ଗ୍ରୁପର ବିଦେଶୀ ଅଂଶଧନ ସମ୍ପର୍କରେ ତଦନ୍ତ ପାଇଁ ସେବି ଯଥେଷ୍ଟ ଆଗ୍ରହ ନଦେଖାଇବାର ଏହା ଏକ କାରଣ ବୋଲି ହିଣ୍ଡେନବର୍ଗ ରିସର୍ଚ୍ଚ ଦାବି କରିଥିଲା। ଏହା ବ୍ୟତୀତ କଂଗ୍ରେସ ଗତ ମାସରେ ଅଭିଯୋଗ କରିଥିଲା ଯେ, ବୁଚ୍ 2017ରେ ମାର୍କେଟ ରେଗୁଲେଟରର ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ହେବା ପରେ ICICI ବ୍ୟାଙ୍କରୁ 2017ରୁ 2024 ମଧ୍ୟରେ 16.80 କୋଟି ଟଙ୍କା ନେଇଥିଲେ। ଏ ସମସ୍ତ ଅଭିଯୋଗ ଉପରେ ତଦନ୍ତ ପାଇଁ PAC ସଦସ୍ୟମାନେ ଦାବି କରିଥିଲେ।

# ଇଡି ପଞ୍ଝାରେ ଆର୍‌ଜି କର ପୂର୍ବତନ ପ୍ରିନ୍ସିପାଲଙ୍କ ସମ୍ପର୍କୀୟ

ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଆର୍ଥିକ ଦୁର୍ନୀତି ସହ ଜଡ଼ିତ ମାମଲାର ତଦନ୍ତ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ଆଜି ପଶ୍ଚିମବଙ୍ଗର ତିନୋଟି ସ୍ଥାନରେ ଚଢାଉ କରାଯାଇଛି। ଏହି ଚଢାଉ ମଧ୍ୟରେ ଆରଜି କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ଡ. ସନ୍ଦୀପ ଘୋଷଙ୍କ ଜଣେ ସମ୍ପର୍କୀୟଙ୍କ ସମ୍ପତ୍ତି ଥିବା କୁହାଯାଉଛି। ଗତ ମାସ ଆରଜି କରରେ ଜଣେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ଗୋଟିଏ ପରେ ଗୋଟିଏ ମାମଲା ସାମ୍ନାକୁ ଆସିଛି। ସିବିଆଇ ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତ ଚଳାଇ ଥିବାବେଳେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କ ବିରୁଦ୍ଧରେ ଆର୍ଥିକ ଘୋଟାଲାର ଅଭିଯୋଗ ଆସିଥିଲା। ସେ ସିବିଆଇ ହେପାଜତରେ ଥିବାବେଳେ ଆଜି ଇଡି ବେଙ୍ଗଲର ହାଓ୍ୱଡ଼ା, ସୋନାରପୁର ଏବଂ ହୁଗଳିର ବିଭିନ୍ନ ସ୍ଥାନରେ ଚଢାଉ କରିଛି। ହୁଗଳିରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚଢାଉ କରୁଥିବା ସ୍ଥାନ ମଧ୍ୟରୁ ଗୋଟିଏରେ ସନ୍ଦୀପ ଘୋଷଙ୍କ ସମ୍ପର୍କୀୟଙ୍କ ନାଁରେ ଥିବା ଜଣାପଡିଛି। ଡ. ଘୋଷ ଫେବୃଆରୀ 2021ରୁ ସେପ୍ଟେମ୍ବର 2023 ପର୍ଯ୍ୟନ୍ତ ଆର.ଜି କର ମେଡିକାଲ କଲେଜର ପ୍ରିନ୍ସିପାଲ ଭାବରେ କାର୍ଯ୍ୟ କରିଥିଲେ। ଏହାପରେ ତାଙ୍କୁ ଅକ୍ଟୋବର 2023 ରେ ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ଗୋଟିଏ ମାସ ମଧ୍ୟରେ ଟ୍ରାନ୍ସଫର ବାତିଲ ହୋଇଥିଲା ଏବଂ ସେ ସେହି ହସ୍ପିଟାଲରେ ହିଁ କାର୍ଯ୍ୟ ଜାରି ରଖିଥିଲେ। ଅଗଷ୍ଟ 9ରେ 31 ବର୍ଷୀୟ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ସେ ପ୍ରିନ୍ସିପାଲ ପଦରୁ ଇସ୍ତଫା ଦେଇଥିଲେ। ଆର୍ଥିକ ଘୋଟଲା, ଅସାଧୁ ଆଚରଣ, ଠକେଇ ଅଭିଯୋଗରେ ସେପ୍ଟେମ୍ବର 2ରେ ସିବିଆଇ ତାଙ୍କୁ ଗିରଫ କରିଛି।

# ରାସ୍ତାକଡ଼ରେ ଯୁବତୀଙ୍କୁ ଦୁଷ୍କର୍ମ

ମଧ୍ୟପ୍ରଦେଶରୁ ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ବ୍ୟସ୍ତବହୁଳ ସଡ଼କରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରାଯିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ରାସ୍ତାରେ ଯାଉଥିବା ଲୋକେ ପ୍ରତିବାଦ କରିବା ପରିବର୍ତ୍ତେ ଭିଡିଓ ସୁଟିଂ କରି ସୋଶାଲ ମିଡିଆରେ ପୋଷ୍ଟ କରିଥିବା ଜଣାପଡିଛି। ମଧ୍ୟପ୍ରଦେଶ ଉଜ୍ଜୈନୀର ସବୁଠୁ ବ୍ୟସ୍ତବହୁଳ ଅଞ୍ଚଳ କୋଏଲ ଫାଟକରେ ଏହି ଘଟଣା ଘଟିଛି। ସୋଶାଲ ମିଡିଆରେ ଭିଡିଓ ଭାଇରାଲ୍ ହେବା ପରେ ପୁଲିସ ଅଭିଯୁକ୍ତ ଲୋକେଶଙ୍କୁ ଗିରଫ କରିଛି। ପୀଡ଼ିତା ଜଣକ ହେଉଛନ୍ତି ଜଣେ ଅଳିଆ ଗୋଟାଳି। ସେ ଅଭିଯୁକ୍ତ ଲୋକେଶଙ୍କୁ ଏହି ଅଞ୍ଚଳରେ ଭେଟିଥିଲେ। ଲୋକେଶ ତାଙ୍କୁ ବିବାହର ପ୍ରତିଶୃତି ଦେବା ସହ ସାଙ୍ଗରେ ନେବାକୁ କହିଥିଲେ। ଫଳରେ ଯୁବତୀ ଜଣକ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଯାଇଥିଲେ।

ଏହାପରେ ଲୋକେଶ ଯୁବତୀଙ୍କୁ ମଦ୍ୟପାନ କରିବାକୁ ବାଧ୍ୟ କରିଥିଲେ। ମଦ ପିଇବା ପରେ ନିଶାସକ୍ତ ହୋଇଯିବାରୁ ଲୋକେଶ ତାଙ୍କୁ ରାସ୍ତାକଡରେ ଥିବା ଆଶ୍ରୟସ୍ଥଳକୁ ନେଇ ଦୁଷ୍କର୍ମ କରିଥିଲେ। ଏହା ପରେ ତାଙ୍କୁ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଜଣେ ପ୍ରତ୍ୟକ୍ଷଦର୍ଶୀ ଏହି ଘଟଣାର ଭିଡିଓ ସୁଟିଂ କରି ସୋଶାଲ ମିଡିଆରେ ଶେଆର କରିଛନ୍ତି। ସୋଶାଲ ମିଡିଆରେ ଭିଡିଓ ଭାଇରାଲ୍ ହେବା ପରେ ପୁଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଲୋକେଶଙ୍କୁ ଗିରଫ କରିଛି। ସେପଟେ ଏହି ଘଟଣାକୁ ନେଇ କଂଗ୍ରେସ ଶାସକ ବିଜେପିକୁ ଟାର୍ଗେଟ କରିଛି। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡ଼ି ପଡ଼ିଥିବା କଂଗ୍ରେସ ଅଭିଯୋଗ କରିଛି।

# ଟିକେଟ ନ ମିଳିବାରୁ କାନ୍ଦିଲେ ବିଜେପିର ପୂର୍ବତନ ବିଧାୟକ

ଚଣ୍ଡିଗଡ଼, ୬।୯: ଇଣ୍ଟରଭ୍ୟୁ ବେଳେ କାନ୍ଦିଲେ ବିଜେପିର ପୂର୍ବତନ ବିଧାୟକ ଶଶି ରଞ୍ଜନ ପାରମର। ଦଳ ତାଙ୍କୁ ଚଳିତ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଟିକେଟ ନ ଦେବାରୁ ସେ କ୍ୟାମେରା ସାମ୍ନାରେ କାନ୍ଦି ପକାଇଛନ୍ତି। ପାରମର ଭିଓ୍ୱାନି ଓ ତୋଶାମ ନିର୍ବାଚନ ମଣ୍ଡଳୀରୁ ଟିକେଟ ପାଇବା ଆଶାରେ ଥିଲେ। କିନ୍ତୁ ବିଜେପି ତାଙ୍କୁ କୌଣସି ସ୍ଥାନରୁ ବି ପ୍ରାର୍ଥୀ କରିନାହିଁ। କାହିଁକି ତାଙ୍କୁ ଦଳ ପ୍ରାର୍ଥୀ କଲା ନାହିଁ ପ୍ରଶ୍ନ କରାଯିବାରୁ ସେ କାନ୍ଦି ପକାଇଛନ୍ତି। ଏଥିସହ ସେ ଏବେ କ’ଣ କରିବେ ବୋଲି ମଧ୍ୟ ଓଲଟା ପ୍ରଶ୍ନ କରିଛନ୍ତି ।

ସେ କାନ୍ଦି କାନ୍ଦି କହିଛନ୍ତି, “ମୁଁ ଭାବିଥିଲି ଯେ ମୋ ନାଁ ନିଶ୍ଚିତ ଭାବେ ପ୍ରାର୍ଥୀ ତାଲିକାରେ ଥିବ। ଏବେ ମୁଁ କ’ଣ କରିବି? ମୁଁ ଅସହାୟ ହୋଇ ପଡ଼ିଛି। କାରଣ ମୁଁ ପ୍ରାର୍ଥୀ ହେଉଛି ବୋଲି ଲୋକଙ୍କୁ କହି ସାରିଥିଲି। ଏବେ ସେମାନଙ୍କୁ ମୁଁ କେମିତି ସାମ୍ନା କରିବି?” ଅକ୍ଟୋବର ୫ରେ ହରିୟାଣାରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଅକ୍ଟୋବର ୮ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ପ୍ରଥମ ପର୍ଯ୍ୟାୟରେ ୬୭ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି।

# ହରିୟାଣା ନିର୍ବାଚନ ▶ ପ୍ରାର୍ଥୀ ଚୟନକୁ ନେଇ ଦ୍ୱନ୍ଦ୍ୱରେ ବିଜେପି, କଂଗ୍ରେସ

ଚଣ୍ଡିଗଡ଼, ୬।୯: ଆସନ୍ତା ୫ ତାରିଖରେ ହରିୟାଣାର ୯୦ଟି ଯାକ ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ସବୁ ଦଳ ନିଜ ନିଜ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଥିବା ବେଳେ ପ୍ରାର୍ଥୀ ଚୟନ ସେମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କେବଳ କ୍ଷମତାସୀନ ବିଜେପିରେ ଟିକେଟ ବଣ୍ଟାକୁ ନେଇ ବିଦ୍ରୋହ ସୃଷ୍ଟି ହୋଇ ନାହିଁ, ବରଂ ବିରୋଧୀ କଂଗ୍ରେସ ମଧ୍ୟ ସମ୍ଭାବ୍ୟ ବିଦ୍ରୋହ ଆଶଙ୍କାରେ ଏଯାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ପାରୁନାହିଁ।

ବିଜେପି ପ୍ରଥମ ପର୍ଯ୍ୟାୟରେ ୬୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ବିସ୍ଫୋରଣ ସ୍ଥିତିର ସମ୍ମୁଖୀନ ହୋଇଛି। ଅନେକ ବିଧାୟକ, ମନ୍ତ୍ରୀ ଓ ବରିଷ୍ଠ ନେତା ଟିକେଟ ପାଇବାରୁ ବଞ୍ଚିତ ହେବାରୁ ଦଳକୁ ବାଏବାଏ କହିବା ଆରମ୍ଭ କରିଛନ୍ତି। କିଛି ବିଧାୟକ, ମନ୍ତ୍ରୀ ଓ ବରିଷ୍ଠ ନେତା ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେପି ଏଥିରେ ତାଳି ପକାଇବାକୁ ଚେଷ୍ଟା କରୁଥିଲେ ହେଁ ଏଯାଏ ସୁଫଳ ମିଳି ନାହିଁ। ବିଦ୍ରୋହକୁ ଦେଖି ଦଳ ବାକି ଆସନଗୁଡ଼ିକ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା କରିପାରୁ ନାହିଁ। ଆପ ଓ କଂଗ୍ରେସ ଏକାକୀ ହରିୟାଣା ବିଧାନସଭା ନିବାଚନ ଲଢ଼ିବେ ବୋଲି କହିଥିଲେ। ହେଲେ ଉଭୟ ଏବେ ସିଟ ଶେୟାରିଂ ଫର୍ମୁଲା ଉପରେ ଆଲୋଚନା କରୁଛନ୍ତି। ହରିୟାଣର ୧୦



ଲୋକସଭା ଆସନର ନିର୍ବାଚନ ବେଳେ ଆପ୍ ଓ କଂଗ୍ରେସ ମେଣ୍ଟ କରିଥିଲେ। କଂଗ୍ରେସ ୯ଟି ଆସନରେ ପ୍ରାର୍ଥୀ ଦେଇ ୫ଟିରେ ଜିତିଥିଲା। ଅବଶ୍ୟ ଆପ୍ କରୁକ୍ଷେତ୍ର ଆସନ ବିଜେପି ଠାରୁ ଛଡ଼ାଇ ଆଣି ପାରି ନଥିଲା। ତଥାପି ଏବେ ଦଳ କଂଗ୍ରେସ ସହ ମିଶି ବିଧାନସଭା ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇଛି।

ତେବେ ହରିୟାଣାର କଂଗ୍ରେସ ନେତାମାନେ ସିଟ ଶେୟାରିଂ ଆଲୋଚନା ବିରୋଧରେ ରହିଛନ୍ତି। କେନ୍ଦ୍ରୀୟ ନେତାମାନେ ଆପ ସହ ମେଣ୍ଟ କରିବାକୁ ଚାହୁଁଥିଲେ ହେଁ ରାଜ୍ୟସ୍ତରୀୟ ନେତାମାନେ ଏହା ସପକ୍ଷରେ ନାହାନ୍ତି। ଆପ ପକ୍ଷରୁ ଯେଉଁ ସବୁ ଆସନରେ ପ୍ରାର୍ଥୀ ଦେବାକୁ ପ୍ରସ୍ତାବ ଦିଆଯାଇଛି, ସେଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ହୁଡ୍ଡାଙ୍କ ବିଶ୍ୱସ୍ତମାନେ ବାଟ ଛାଡ଼ିବାକୁ ନାରାଜ। ଭୂପେନ୍ଦ୍ର ହୁଡ୍ଡା ମଧ୍ୟ ନିଜ ଲୋକଙ୍କୁ ଉକ୍ତ ଆସନରେ ପ୍ରାର୍ଥୀ କରିବା ସପକ୍ଷରେ ରହିଛନ୍ତି। ଆପ୍ ହରିୟାଣର ୧୦ ଆସନରେ ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇଛି। କିନ୍ତୁ କଂଗ୍ରେସ ୫ରୁ ୭ ଆସନ ଦେବାକୁ ଚାହୁଁଛି। କାରଣ କଂଗ୍ରେସ କିଛି ଆସନ ସମାଜବାଦୀ ପାର୍ଟି ପାଇଁ ମଧ୍ୟ ଛାଡ଼ିବ। ସେହିପରି ରେସଲର ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ ଆଜି କଂଗ୍ରେସରେ ଯୋଗ ଦେଇଛନ୍ତି। ଉଭୟଙ୍କୁ ଦଳ ପ୍ରାର୍ଥୀ କରି ବିଜେପିକୁ ମାତ ଦେବା ମୁଡରେ ରହିଛି। ବିଜେପି ଓ କଂଗ୍ରେସ ଫୁଲଦମରେ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିଲେ ହେଁ ପ୍ରାର୍ଥୀ ଚୟନ ଉଭୟ ଦଳ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ସୀମାରେ କୁକୁଡ଼ା ଗାଡ଼ି ଅଟକାଇଲା କୋଲକାତା ପୁଲିସ୍

**ବାଲେଶ୍ୱର, ୬।୯ (ସଞ୍ଚାର ବ୍ୟୁରୋ) :** ପଶ୍ଚିମବଙ୍ଗ ସୀମାରେ ଅଟକିଛି ଅଣ୍ଡା ଓ କୁକୁଡ଼ା ଗାଡ଼ି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକ୍ ଗୁଡ଼ିକୁ ୨୪ ଘଣ୍ଟା ହେଲା କୋଲକାତା ପୁଲିସ୍ ଅଟକାଇ ରଖିଛି। ଯେଉଁଥିପାଇଁ ୭୦ରୁ ଅଧିକ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇଛି। ଆଗକୁ ଯାଇପାରୁ ନାହିଁ।



ଆସାମ ଓ ଓଡ଼ିଶାର ପଡ଼ୋଶୀ ପଶ୍ଚିମବଙ୍ଗ ଅଣ୍ଡା ଏବଂ କୁକୁଡ଼ା ପାଇଁ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ଶହଶହ ଗାଡ଼ି ଓଡ଼ିଶା ଦେଇ ପଶ୍ଚିମବଙ୍ଗ ଓ ଆସାମ ଯିବା ଆସିବା କରିଥାଏ। ଗୁରୁବାର ସକାଳଠାରୁ ଆନ୍ଧ୍ରପ୍ରଦେଶରୁ ଆସିଥିବା ୭୦ ଅଧିକ ଅଣ୍ଡା ଓ କୁକୁଡ଼ା ବୋଝେଇ ଟ୍ରକକୁ ସୋନା କଣିଆ ଚେକ୍‌ଗେଟ୍ ପାଖରେ ପଶ୍ଚିମବଙ୍ଗର ଦାନ୍ତୋନ ପୁଲିସ୍ ଅଟକାଇ ରଖିଛି। ଆଗକୁ ଯିବା ପାଇଁ ଦେଉନାହିଁ। କାରଣ ପଚାରିଲେ ଓଡ଼ିଶାରେ ବାର୍ଡ ଫ୍ଲୁ ବ୍ୟାପିଥିବାରୁ ଅଣ୍ଡା ଓ କୁକୁଡ଼ା ଗାଡ଼ିକୁ ଆଗକୁ ଯିବା ପାଇଁ ଅନୁମତି ନାହିଁ।

ପୁଲିସ୍ ନାଲି ଆଖି ପରେ ଉପାୟଶୂନ୍ୟ ହୋଇ ୨୪ ଘଣ୍ଟାରୁ ଅଧିକ ସମୟ ଧରି ରାସ୍ତା ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିଛନ୍ତି। ଗାଡ଼ି ଚାଳକମାନେ ଅଖିଆ ଅପିଆ ରହିଛନ୍ତି। ଅନ୍ୟ ପକ୍ଷରେ ଦୀର୍ଘ ସମୟ ଧରି ଗାଡ଼ି ଛିଡ଼ା ହେଲେ କୁକୁଡ଼ା ମରିଯିବା ଓ ଅଣ୍ଡା ନଷ୍ଟ ହେବା ଭୟ ଘାରିଛି। ତେଣୁ ଶୀଘ୍ର ଅଣ୍ଡା ଓ କୁକୁଡା ଗାଡ଼ି ଛାଡ଼ିବାକୁ ଟ୍ରକ୍ ଡ୍ରାଇଭରମାନେ ପୁଲିସ୍‌କୁ ଅନୁରୋଧ କରିଛନ୍ତି। ତେବେ ଛୋଟ ଛୋଟ ଗାଡ଼ି ଅନ୍ୟ ରାସ୍ତାରେ ପଶ୍ଚିମବଙ୍ଗ ଭିତରେ ପଶିଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ କଲେଜ ପ୍ରିନ୍ସପାଲ

**ଥୁ.ରାମପୁର,୬।୭ (ସଞ୍ଚାର ବ୍ୟୁରୋ):** ୧୦ ହଜାର ଲାଞ୍ଚ ନେଇ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜଣେ କଲେଜ ପ୍ରିନ୍ସପାଲ । ସେ ହେଲେ କଳାହାଣ୍ଡି ଜିଲା ଥୁ.ରାମପୁର ଗୋପାଳପୁର ଯୁକ୍ତ ୨ କଲେଜ ପ୍ରିନ୍ସପାଲ ନବୀନ ସାହୁ। କଲେଜରେ ଆଡମିଶନ ସହ ପ୍ରାକ୍ଟିକାଲ ପରୀକ୍ଷାରେ ସହଯୋଗ କରିବା ପାଇଁ ଜଣେ ଛାତ୍ରୀଙ୍କ ମା'ଙ୍କୁ ୧୦ ହଜାରେ ଟଙ୍କା ଲାଞ୍ଚ ମାଗିଥିଲେ।ଏନେଇ ଛାତ୍ରୀଙ୍କ ମା' ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ଯୋଜନା ମୁତାବକ ଛାତ୍ରଙ୍କ ମା' କଲେଜରେ ପହଞ୍ଚି। ପରେ ପ୍ରିନ୍ସପାଲଙ୍କ ଚ୍ୟାମ୍ବରକୁ ଯାଇ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେତିକିବେଳେ ଭିଜିଲାନ୍ସ ଅଧିକାରୀମାନେ କଲେଜରେ ଚଢାଉ କରି ୧୦ ହଜାର ଲାଞ୍ଚ ଟଙ୍କା ଜବତ କରିବା ସହ ପ୍ରିନ୍ସପାଲଙ୍କୁ କାବୁ କରି ନେଇଥିଲେ। ଅନ୍ୟପକ୍ଷେ ଭିଜିଲାନ୍ସ ଟିମ୍ ପ୍ରିନ୍ସପାଲ ସାହୁଙ୍କୁ ପଚରାଉଚରା କରୁଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ପୁରୀ ବେଳାଭୂମିରେ ଅଜଣା କଣ୍ଟେନର: ମିଳିଲା ପରିଚୟ

**ପୁରୀ, ୬।୯(ସଞ୍ଚାର ବ୍ୟୁରୋ):** ପୁରୀ ବେଳାଭୂମିରେ ଠାବ ହୋଇଥିବା ଅଜଣା କଣ୍ଟେନର ର ମିଳିଲା ପରିଚୟ। ପୁରୀ ବେଳାଭୂମିରୁ ଠାବ କଣ୍ଟେନର୍ ଇଣ୍ଡୋନେସିଆ ଜାହାଜର ବୋଲି ସୂଚନା ଦେଇଛନ୍ତି ପୁରୀ ସଦର ଏସଡିପିଓ। ସେ କହିଛନ୍ତି, ଏକ ଇଣ୍ଡୋନେସିଆ କମ୍ପାନୀ ଜାହାଜରୁ ୭ଟି କଣ୍ଟେନର୍ ହଜିଯାଇ ଥିବା ସୂଚନା ମିଳିଛି। କୋଲକାତାରୁ ପୋର୍ଟବ୍ଲେୟାର୍ ଯାଇଥିବା ଜାହାଜର କଣ୍ଟେନର୍ ମିସିଂ ଅଛି। ସେଠାକାର କୋଷ୍ଟଗାର୍ଡ, କମ୍ପାନୀ ମାଲିକ, ଗୁଇନ୍ଦା ସହ ଯୋଗାଯୋଗ କରାଯାଉଛି। ୩ ଦିନ ତଳେ ସାତଭାୟାରୁ ସମାନ କମ୍ପାନୀର ୨ଟି କଣ୍ଟେନର୍ ମିଳିଥିଲା। ତେଣୁ ଏ କଣ୍ଟେନର ବି ତାଙ୍କର ବୋଲି କହିଛନ୍ତି ଏସଡିପିଓ।ତେବେ ଆଜି ସକାଳୁ ସକାଳୁ କଣ୍ଟେନରଟି ପେଣ୍ଠକଟା ବେଳାଭୂମି କୂଳରେ ଲାଗିଥିବା ବେଳେ କଣ୍ଟେନରରେ ମହମବତୀ ଥିବା ଦେଖିବାକୁ ମିଳିଛି। କିଛି ମତ୍ସ୍ୟଜୀବୀମାନେ କଣ୍ଟେନର ଭିତରୁ ମହମବତୀ ପାଇଥିବା ମଧ୍ୟ କହିଥିଲେ। ଯାହାକୁ ନେଇ ସନ୍ଦେହ ବଢିଥିଲା। ତେବେ କଣ୍ଟେନରଟି ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଏନେଇ କୋଷ୍ଟଗାର୍ଡ ସହ ଆଲୋଚନା ପରେ ପ୍ରୋଟକଲ୍ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ଅନ୍ୟପଟେ କଣ୍ଟେନର ନିକଟକୁ ମେରାଇନ୍ ଥାନା ଅଧିକାରୀଙ୍କ ସମେତ ସଦର ଏସପିପିଓ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତାର ସ୍ଥିତି ଯାଞ୍ଚ କରିଛନ୍ତି। କଣ୍ଟେନର ଉପରେ ITTU202370 (3) ନମ୍ବର ଲେଖାହୋଇଥିବା ଦେଖିବାକୁ ମିଳିଥିଲା। ତେବେ କଣ୍ଟେନରକୁ ରସିରେ ବନ୍ଧା ଯାଇଥିବା ବେଳେ ଏହାକୁ ଖୋଲିବା ପାଇଁ ଫରେଷ୍ଟ,, ଫିସରି ଓ କୋଷ୍ଟଗାର୍ଡ ଅଧିକାରୀଙ୍କ ସହ ଆଲୋଚନା କରାଯାଉଥିବା କହିଛନ୍ତି ସଦର ଏସଡିପିଓ।



# ଶିକାରୀ ଫାଶରେ ପଡ଼ି କଲରାପତରିଆର ମୃତ୍ୟୁ



**ଅନୁଗୋଳ, ୬।୯ (ସଞ୍ଚାର ବ୍ୟୁରୋ):** ଜଙ୍ଗଲରୁ ମିଳିଲା କଲରାପତରିଆ ବାଘର ମୃତଦେହ । ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅନ୍ତର୍ଗତ ମିଣ୍ଡୋଳ ଗାଁ ମଠ ନିକଟସ୍ଥ କାଜୁ ବଗିଚା ପରିସରରୁ ଏକ କଲରାପତରିଆ ବାଘର ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ ଶିକାରୀ ଦ୍ୱାରା ବିଛା ଯାଇଥିବା ବିଦ୍ୟୁତ୍ ଫାଶରେ ପଡି ବାଘଟିର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

ସୂଚନା ଅନୁସାରେ, ଗତକାଲି ସକାଳେ ମିଣ୍ଡୋଳ ଗାଁର କେତେକ ଗାଇ ଚରାଳି କାଜୁ ବଗିଚା ଦେଇ ଯାଉଥିବା ବେଳେ ମୃତ ବାଘଟିକୁ ଦେଖିଥିଲେ । ସଙ୍ଗେ ସଙ୍ଗେ ଏନେଇ ଧଣ୍ଡାତୋପା ବନବିଭାଗକୁ ଖବର ଦେଇଥିଲେ ଉକ୍ତ ଗାଇ ଚରାଳି । କିନ୍ତୁ ଦିନ ଯାଇ ରାତି ପାହିଯାଇଥିଲେ ମଧ୍ୟ ବନବିଭାଗ ତରଫରୁ କେହି ବି ଘଟଣାସ୍ଥଳରେ ପହଞ୍ଚିନଥିଲେ । ସେହି ଲୋକଙ୍କ କହିବା ଅନୁସାରେ ବାଘର ମୃତଦେହଟି ଏକ ସପ୍ତାହ ପୁର୍ବର ହୋଇଥିବା ଜଣାପଡୁଥିଲେ ମଧ୍ୟ ଏଯାବତ୍ ବନବିଭାଗ ପାଖରେ ଖବର ନାହିଁ । ଏପଟେ ଗତକାଲି ଖବର ଦିଆଯାଇଥିଲେ ବି ବନବିଭାଗ ଘଟଣାସ୍ଥଳରେ ପହଞ୍ଚିନାହିଁ । ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି ।

ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ସାତକୋଶିଆ ଅଭୟାରଣ୍ୟ କୁଲାଙ୍ଗୀ ଗାଁ ପାଖରେ ବିଦ୍ୟୁତ୍ ଫାଶରେ ପଡି ୨ଟି ବାଘଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା। ରାଜ୍ୟରେ କ୍ରମାଗତ ଭାବରେ ବାଘ ସଂଖ୍ୟା କମୁଥିବା ବେଳେ ଶିକାର କରୁଥିବା ଶିକାରୀ କରୁଥିବା ଅଭିଯୁକ୍ତଙ୍କୁ ଧରି କଡା ଦଣ୍ଡ ଦିଆଯିବା ନେଇ ସାଧାରଣଲୋକେ ଦାବି କରୁଛନ୍ତି ।

## ବେଆଇନ ଗର୍ଭପାତ ନର୍ସିଙ୍ଗ ହୋମରେ ଚଢ଼ାଉ, ୯ ଗିରଫ

**କେନ୍ଦ୍ରାପଡ଼ା, ୬।୯ (ସଞ୍ଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ସଦର ଥାନା ପୋଲିସକୁ ମିଳିଛି ବଡ ସଫଳତା। ବେଆଇନ ଗର୍ଭପାତ ନର୍ସିଙ୍ଗ ହୋମ ଉପରେ ଚଢ଼ାଉ କରିଛି ପୋଲିସ। ଉକ୍ତ ମାମଲାରେ ୯ ଜଣଙ୍କୁ ଗିରଫ କରିଛି ପୋଲିସ । ତେବେ ଏହି ବେଆଇନ ଗର୍ଭପାତ ଉକ୍ତ ନର୍ସିଙ୍ଗ ହୋମର ମାଲିକ ମାମିନା ମହାପାତ୍ର ଏବଂ ତାଙ୍କ ସ୍ୱାମୀ ନିଜିତ ମହାପାତ୍ର ଗତ ୨୦୨୨ ମସିହାରେ ବେଆଇନ ଗର୍ଭପାତ କରୁଥିବାରୁ ଉଭୟ ଜେଲ ଯାଇଥିଲେ ।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲ୍ଲା ଦୀନବନ୍ଧୁ ସାହୁ ଆଇନି ମହାବିଦ୍ୟାଳୟରେ ଜଣେ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଏହି ଚଢ଼ାଉ କରାଯାଇଛି । ଛାତ୍ରୀ ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ ଯେ, ଚାରିବର୍ଷ ତଳୁ ଫେସବୁକ ମାଧ୍ୟମରେ ପଟାମୁଣ୍ଡାଇ ଥାନା ଅନ୍ତର୍ଗତ ମଠସାହି ଅଂଚଳର ପରେଶ ବାରିକ ନାମକ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେଶ ବିବାହିତ ହୋଇ ମଧ୍ୟ ଛାତ୍ରୀଙ୍କୁ ବିବାହର ପ୍ରତିଶୃତି ଦେଇ ଶାରିରିକ ସମ୍ପର୍କ ରଖି ପାଞ୍ଚ ମାସର ଗର୍ଭବତୀ କରିଥିଲା । ଗତ ଅଗଷ୍ଟ ୬ ତାରିଖରେ ପରେଶ ଓ ତାର ଭାଇ ପୀଡ଼ିତାକୁ ଏକ ହେଲଥ ହୋମ ଲ୍ୟାବକୁ ନେଇ ସେଠାରେ ଗର୍ଭପାତ କରିବାକୁ ସମସ୍ତ ବ୍ୟବସ୍ଥା କରିଥିଲେ । ଏହାପରେ ଛାତ୍ରୀଙ୍କ ଗର୍ଭପାତ କରାଇ ତାଙ୍କୁ ଏକ ଗାର୍ଲସ ହଷ୍ଟେଲରେ ରଖିଥିଲା । ଯେତେବେଳେ ପୀଡିତା ଜଣଙ୍କ ଜାଣିଲା ଯେ ପରେଶ ତାଙ୍କୁ ଧୋକା ଦେଉଛି ସେତେବେଳେ ସେ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ସେହି ବେଆଇନ ଗର୍ଭପାତ ନର୍ସିଙ୍ଗ ହୋମ ଉପରେ ପୋଲିସ ଚଢାଉ କରି ୯ ଜଣଙ୍କୁ ଗିରଫ କରିଛି।

# ହ୍ୟାକ୍ କରି ବିକ୍ରି ହେଉଛି ଚାକିରି !



**ପାରଳାଖେମୁଣ୍ଡି, ୬।୯ (ସଞ୍ଚାର ବ୍ୟୁରୋ):** ଗଜପତି ଜିଲ୍ଲାର ଜଣେ ପ୍ରାର୍ଥୀ। ଗତ ବର୍ଷ ଜୁଲାଇ ମାସରେ ପଂଚାୟତ ନିର୍ବାହୀ ଅଧିକାରୀ ବା ପିଇଓ ପରୀକ୍ଷାରେ ୧୮୦ ମାର୍କରୁ ରଖିଥିଲେ, ମାଇନସ୍ ୭। ମାନେ ଶୂନ ଠାରୁ ବି କମ। କିଛି ମାସ ପରେ ଅର୍ଥାତ୍ ୨୦୨୪ ଏପ୍ରିଲ ମାସରେ ସେ ଫରେଷ୍ଟ ଗାର୍ଡ ପାଇଁ ଲିଖିତ ପରୀକ୍ଷା ଦେଲେ। ଆଉ ତାଙ୍କୁ ୧୫୦ ମାର୍କରୁ ମିଳିଲା ୧୦୦ ପରସେଣ୍ଟାଇଲ୍ ଅର୍ଥାତ୍ ପରୀକ୍ଷା ଦେଇଥିବା ପିଲାଙ୍କ ଭିତରେ ସର୍ବୋତ୍ତମ ପିଲା। ଯେଉଁ ପରୀକ୍ଷାର୍ଥୀ ପୂର୍ବରୁ ଶୂନ ମାର୍କ ବି ରଖି ପାରୁନଥିଲେ, ସେ ଏବେ କେମିତି ସର୍ବୋଚ୍ଚ ବର୍ଗରେ ରହିପାରିଲେ, ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି।

ଏମିତି ଆଉ ଜଣେ ଗଜପତି ଜିଲ୍ଲା ପ୍ରାର୍ଥୀ ପୂର୍ବରୁ ପଂଚାୟତ ନିର୍ବାହୀ ଅଧିକାରୀ ପରୀକ୍ଷା ଦେଇ ରଖିଥିଲେ ମାତ୍ର ୯.୫ ମାର୍କ। ମାତ୍ର ଏବେ ଫରେଷ୍ଟ ଗାର୍ଡ ପରୀକ୍ଷାରେ ରଖିଛନ୍ତି ୯୯.୯୮୪ ପର୍ସେଣ୍ଟାଇଲ୍। ଅର୍ଥାତ୍ ସେ ଏବେ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କ ବର୍ଗରେ ସ୍ଥାନ ପାଇଛନ୍ତି। ଆଉ ଅନଲାଇନରେ ଏ ସବୁ ଗ୍ରୁପ୍-ସି ବର୍ଗର ପରୀକ୍ଷା କରିଛି ଓଡ଼ିଶା ଅଧସ୍ତନ କର୍ମଚାରୀ ଆୟୋଗ। ଫରେଷ୍ଟର ଓ ଫେରେଷ୍ଟଗାର୍ଡ଼ ପରୀକ୍ଷା ଦେଇଥିବା ସୋମନାଥ ହୋତାଙ୍କ ଭଳି କିଛି ପରୀକ୍ଷାର୍ଥୀ କହିଛନ୍ତି, 'ସେମାନଙ୍କୁ ବି ୧୦-୧୨ ଲକ୍ଷ ଦେଲେ ଚାକିରି ମିଳିଯିବ ବୋଲି ଅଫର ଆସିଥିଲା। କିଛି ଅସାଧୁ କମ୍ପ୍ୟୁଟର ସେଣ୍ଟର କର୍ମଚାରୀ ଏଭଳି କରୁଛନ୍ତି। ସେମାନେ କିଛି ଆପ୍ ଜରିଆରେ କମ୍ପ୍ୟୁଟର ଉତ୍ତରକୁ ରିମୋଟଲି କଣ୍ଟ୍ରୋଲ କରି ପିଲାଙ୍କୁ ଟପରେ ରଖି ଦେଉଛନ୍ତି। କୋଶ୍ଚିନ୍ ଲିକ ଓ ଅନଲାଇନ ପରୀକ୍ଷାରେ ନିଶ୍ଚିତ ଏକ ରାକେଟ ରହିଛି। ଲିଖିତ ପରୀକ୍ଷାରେ ଟପ୍ ୯୭ ଜଣ ପିଲାଙ୍କ ଭିତରେ ୩୧ ଜଣ ଏପରି ପିଲା ରହିଛନ୍ତି ଯେଉଁମାନଙ୍କ ମେଟ୍ରିକ୍ ପରୀକ୍ଷାରେ ମାତ୍ର ୩୫% ମାର୍କ ରଖିଥିଲେ। ତେଣୁ ପରୀକ୍ଷାରେ ଅନିୟମିତତା ହୋଇନାହିଁ ବୋଲି କେମିତି କହିବା ?'

ପୂର୍ବରୁ ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ପରୀକ୍ଷାରେ କିଛି ପରୀକ୍ଷାର୍ଥୀଙ୍କୁ ହାଟେଲରେ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ବତାଇ ଦିଆଯାଉଥିବା ଅଭିଯୋଗ ଆସିଥିଲା। ପରେ ବାଲେଶ୍ୱରରୁ ଏଭଳି ଏକ ରାକେଟର ପର୍ଦ୍ଦାଫାଶ କରିଥିଲା ପୁଲିସ୍। ଏବେ ସେଭଳି କିଛି ଅସାଧୁ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟଙ୍କ ଜରିଆରେ କମ୍ପ୍ୟୁଟରକୁ ହାକିଂ କରି ଏଭଳି ମାର୍କ ବଢ଼ାଯାଉଥିବା ଅଭିଯୋଗ ଆସୁଛି। ଅନ୍ୟପଟରେ କିଛି ପିଲା ସରକାରୀ ଚାକିରିଟିଏ ପାଇବା ପାଇଁ ଦିନରାତି ଲାଇବ୍ରେରୀରେ ପାଠ ପଢୁଛନ୍ତି। ଏମିତିକି ଅନେକ ପିଲା ଅଧିକ ଫି ଦେଇ ଘରୋଇ ଲାଇବ୍ରେରୀରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ମାତ୍ର ଏଭଳି ଏକ ରାକେଟର ତୁରନ୍ତ ପର୍ଦ୍ଦାଫାଶ ହେବା ଓ ପରୀକ୍ଷାକୁ ସଂପୂର୍ଣ୍ଣ ସନ୍ଦେହମୁକ୍ତ କରିବାକୁ ଦାବି ହେଉଛି। ଆମେ ଏ ନେଇ ଓଏସଏସଏସସିର ଅଧ୍ୟକ୍ଷ ଶାଶ୍ୱତ ମିଶ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନାହିଁ।

## ଜଳିଗଲା ୮ ବଖରା, ୪ ପରିବାର ସର୍ବସ୍ୱାନ୍ତ

**ଆଳି,୬।୯ (ସଞ୍ଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ କାଟଣା ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ୪ ପରିବାରର ୮ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ଶଟ୍‌ସର୍କିଟ୍‌ରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବା ବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି।

ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିବା ବେଳେ ନିଆଁର ପ୍ରକୋପ ଏତେ ଥିଲା ଯେ, ଆୟତ୍ତ କରିବାକୁ ନାକେଦମ୍ ହୋଇପଡ଼ିଥିଲେ। ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନକ୍ସଲ ଦମ୍ପତିଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୬।୯(ସଂଚାର ବ୍ୟୁରୋ):** ସୀମାନ୍ତ ଛତିଶଗଡରେ ଲଗାତାର ଅପରେସନ ଜାରି ରହିଥିବା ବେଳେ ନକ୍ସଲ ଏବଂ ଛତ୍ରଭଙ୍ଗ ଦେବାକୁ ପଡୁଛି। ପୁଲିସ ନକ୍ସଲଙ୍କର ନିଦ ହଜାଇ ଦେଇଛନ୍ତି। ନକ୍ସଲ ସଂଗଠନର ଆଗଧାଡିର ମାଓ ନେତା ଓ ନେତ୍ରୀମାନେ ଏବେ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆଗ୍ରହ ଦେଖାଇଲେଣି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନାରାୟଣପୁର ଜିଲ୍ଲା ପୁଲିସ ନିକଟରେ ମାଓ ଦମ୍ପତି ସୋନବା ଓରଫ ଡୋସେଲ ସାମ ଓ ଆରତୀ ସଲାମ ଆତ୍ମସମର୍ପଣ କରିଛନ୍ତି। ଡୋସେଲ ଗତ ୧୩ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରୁଥିବା ବେଳେ ଆରତୀ ୯ ବର୍ଷ ଧରି ସଂଗଠନରେ କାମ କରୁଥିଲେ। ଏମାନଙ୍କ ନାମରେ ସରକାର ୫ ଲକ୍ଷ ଟଂକା ଲେଖାଏଁ ପୁରସ୍କାର ରାଶି ଘୋଷଣା କରିଥିଲେ। ପୁଲିସ ବିଭାଗ ତରଫରୁ ଦୁହିଁଙ୍କୁ ୨୫ ହଜାର ଟଂକା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଦୁହିଁଙ୍କୁ ସରକାରଙ୍କ ଆତ୍ମନିର୍ଭରଶୀଳ ନୀତି ଅନୁଯାୟୀ ତାଲିମ ପ୍ରଦନ କରାଯିବ ବୋଲି ପୁଲିସ କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପାଞ୍ଚଟି କାରଣ...

କାଢ଼ି ଦିଆଯିବ ବୋଲି ମୋତେ ଧମକ ଦିଆଯାଇଥିଲା। ତାଙ୍କର ରାଜନୈତିକ କ୍ୟାରିଅର ଶେଷ କରିଦିଆଯିବ କୁହାଯାଇଥିଲା। ସିଧାସଳଖ ନାଁ ନନେଇ ସେ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କୁ ଇଙ୍ଗିତ କରି କହିଥିଲେ ଯେ, କଳାହାଣ୍ଡି ଆସି ଜଣେ ରାଜ୍ୟସ୍ତରୀୟ ନେତା ଏକଥା କଳାହାଣ୍ଡିରେ କହିଥିଲେ। ଏହି କଥା ସେ ତାଙ୍କ ମୁହଁରେ କହିନଥିଲେ, ବରଂ ଦଳୀୟ ନେତାଙ୍କୁ କହିଥିଲେ। କାରଣ ସୁଜିତଙ୍କ ସାମ୍ନାରେ ଏକଥା କହିବାର ତାଙ୍କର ସାହସ ନଥିଲା। ନିର୍ବାଚନ ପରେ ସେ ଏକଥା ଦଳର ସୁପ୍ରିମୋଙ୍କୁ ଜଣାଇଥିଲି। ହେଲେ ସୁପ୍ରିମୋ ସେହି ନେତାଙ୍କୁ ତାଗିଦ କରିବା ପରିବର୍ତ୍ତେ ସୁଜିତଙ୍କୁ ଅଣଦେଖା କରିଥେଲ।

ପ୍ରାୟ ଦେଢ଼ବର୍ଷ ହେଲା ଦଳରେ ତାଙ୍କୁ ଅଣଦେଖା କରାଯାଉଥିଲା। ଦଳର ଜଣେ ଦୁଇ ଜଣ ବଡ଼ ନେତାଙ୍କର ଗୋଲାମୀ ପାଇଁ ବାଧ୍ୟ କରାଯାଉଥିଲା। କୌଣସି ଦଳୀୟ କାର୍ଯ୍ୟରେ ତାଙ୍କୁ ସାମିଲ କରାଯାଉନଥିଲା। ସଂପୃକ୍ତ ନେତାଙ୍କୁ ମୁଣ୍ଡିଆ ମାରିବାକୁ କିଛି ନେତା କହୁଥିଲେ। ମୁଁ ବିଦେଶରୁ ପଢ଼ି ଆସିଛି, ଏହା ମୋ ସ୍ୱାଭିମାନକୁ ବାଧିଥିଲା। କାହା ପାଖରେ ଗୋଲାମୀ କରିବା ମୋ ଦ୍ୱାରା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

ବିଜେଡି ସରକାରରେ ବ୍ୟାପକ ଦୁର୍ନୀତି, ହରିଲୁଟ ଚାଲିଛି। 'ଜମି, ଛତୁଆ, ଟେଣ୍ଡର ଫିକ୍ସିଂରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହୋଇଛି। ଅନେକ ନେତା, ଅଫିସର ଦୁର୍ନୀତିରେ ସାମିଲ ଅଛନ୍ତି। ଏ ସଂପର୍କରେ ଦଳର ନେତୃତ୍ୱଙ୍କୁ ଜଣାଇବାକୁ ଚେଷ୍ଟା କରିଛି। ବହୁବାର ଜଣାଇବାକୁ ଚେଷ୍ଟା କରି ବି ମୁଁ ବିଫଳ ହୋଇଥିଲି। ଶେଷରେ ବାଧ୍ୟହୋଇ ମୁଁ ଦଳ ଛାଡ଼ିଲି। ମୋ ପାଇଁ ସର୍ବଦା ମାଟି ଆଗରେ ତା' ପରେ ପାର୍ଟି ବୋଲି ସୁଜିତ କହିଛନ୍ତି।

ସୁଜିତ କୁମାର କୁମାର ଆଜି ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏଥିସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେବା ପରେ ଦଳରୁ ବହିଷ୍କାର କରିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହାର କିଛି ସମୟ ମଧ୍ୟରେ ସେ ନୂଆଦିଲ୍ଲୀ ସ୍ଥିତ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ବିଜେପିରେ ଯୋଗ ଦେଇଥିଲେ। ।୨୦୨୬ରେ ସୁଜିତ କୁମାରଙ୍କ କାର୍ଯ୍ୟକାଳ ସରିଥାନ୍ତା। କାର୍ଯ୍ୟକାଳ ସରିବାର ୨ ବର୍ଷ ପୂର୍ବରୁ ସୁଜିତ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି।

ସୂଚନାଯୋଗ୍ୟ, କିଛି ଦିନ ତଳେ ମମତା ମହନ୍ତ ରାଜ୍ୟସଭାରୁ ଇସ୍ତଫା ଦେଇଥିଲେ। ପରେ ସେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ବିଜେପି ମମତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଥିଲା। ମମତା ନିର୍ଦ୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ମମତା ଓ ସୁଜିତ ଇସ୍ତଫା ଦେବା ପରେ ରାଜ୍ୟସଭାରେ ବିଜେଡିର ସଦସ୍ୟ ସଂଖ୍ୟା ୭କୁ ଖସି ଆସିଛି। ଏବେ ଲୋକସଭାରେ ବିଜେଡିର କୌଣସି ସଦସ୍ୟ ନାହାନ୍ତି।

### ବିଶ୍ୱସ୍ତଙ୍କ ସହ...

ଡାକ୍ତର କମଳା ଦାସ ଭଳି ଅନେକ ନେତାଙ୍କ ନାଁ ରହିଛି ।

ଏବେ କିନ୍ତୁ ଚକ ଘୂରି ଯାଇଛି । ନବୀନ ଯେଉଁ ଷ୍ଟାଇଲ୍‌ରେ ଝଟ୍‌କା ଦେଉଥିଲେ ତାଙ୍କୁ ଏବେ ବିଜେଡି ନେତାମାନେ ସେହି ଷ୍ଟାଇଲ୍‌ରେ ଝଟ୍‌କା ଦେବା ଆରମ୍ଭ କରିଛନ୍ତି । ପ୍ରଥମ ଝଟ୍‌କା ଦେଇଥିଲେ ରାଜ୍ୟସଭା ସାଂସଦ ମମତା ମହାନ୍ତ । ନବୀନ କିଛି ବୁଝିବା ପୂର୍ବରୁ ସେ ରାଜ୍ୟସଭାରୁ ଇସ୍ତାଫା ଦେଇ ବିଜେପିରେ ମିଶିଗଲେ ଓ ପରେ ପୁଣି ବିଜେପି ଟିକଟରେ ରାଜ୍ୟସଭାକୁ ଗଲେ । ଏବେ ଦ୍ୱିତୀୟ ଝଟ୍‌କା ଦେଇଛନ୍ତି ରାଜ୍ୟସଭା ସଦସ୍ୟ ସୁଜିତ କୁମାର । ରାଜ୍ୟସଭାରୁ ଇସ୍ତାଫା ଦେବା ପରେ ପରେ ହିଁ ସେ ବିଜେପିରେ ମିଶିଛନ୍ତି । ଆଗକୁ ମମତାଙ୍କ ଭଳି ସେ ରାଜ୍ୟସଭା ଯିବେ କି ନାହିଁ ତାହା ଉପର ନଜର ।

ଏହି ଦୁଇଟି ଝଟ୍‌କା ପରେ ଆଉ କି ପ୍ରକାର ଝଟ୍‌କା ନବୀନଙ୍କୁ ଲାଗୁଛି ତାହାକୁ ନେଇ ଏବେ ଆଲୋଚନା । ରାଜନୀତିରେ ରୁଚି ରଖୁଥିବା ଲୋକଙ୍କ କଥା ହେଉଛି ଏହା କଳା କର୍ମର ଫଳ । ସମୟ ସବୁବେଳେ ସମସ୍ତଙ୍କ ପାଇଁ ସମାନ ନଥାଏ । ସେବେ ନବୀନ ଝଟ୍‌କା ଦେଉଥିଲେ । ସମୟ ତାଙ୍କ ସପକ୍ଷରେ ଥିଲା । ସମୟର ଚକ ବୁଲିଯାଇଛି । ନବୀନ ଏବେ ଝଟ୍‌କା ଖାଉଛନ୍ତି । ଆଗକୁ ବି ଖାଇବେ । ସମସ୍ତଙ୍କୁ ନିଜ କଳା କର୍ମର ଫଳ ଭୋଗିବାକୁ ପଡିବ ।

### କେବେ ବନ୍ଧା...

ରାୟ, ଲେନିନ ମହାନ୍ତି, ବବି ଖାନ୍ ଓ ବିଜୁ ଜନତା ଦଳର କିଛି ନେତା, କର୍ମୀ ସାମିଲ ଥିଲେ। ଏହି ସମୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସହ ସେମାନଙ୍କର ଗଣ୍ଡଗୋଳ ହୋଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ଗୋଳ ହୋଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ରେଭେନ୍ସା ଗଣ୍ଡଗୋଳ ଓ ମାମଲା ପରେ ବିରୋଧୀଙ୍କୁ ସମାଲୋଚନା କରିଛି ବିଜେପି। ଦଳୀୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି ଯେ, ଗଣତନ୍ତ୍ରରେ ବିତର୍କର ଭୂମିକା ରହିଛି। କିନ୍ତୁ ବିରୋଧୀ ଦଳ ବିତର୍କ ବଦଳରେ ବିଦ୍ରୋହ କରିଥିଲେ। ମଶାଲ ଶୋଭାଯାତ୍ରା ନାଁରେ ଆଇନକୁ ହାତକୁ ନେଇଥିଲେ। ଶିକ୍ଷାନୁଷ୍ଠାନରେ ଏଭଳି ହିଂସାତ୍ମକ ଆଚରଣ ଆଦୌ ଗ୍ରହଣୀୟ ନୁହେଁ। ପୋଲିସ ଆଇନ ଅନୁଯାୟୀ କାମ କରିଛି। କେବଳ ବିଧାୟକ କେବେ ବନ୍ଧା ହେବେ ତାହା ଦେଖିବାକୁ ବାକି ରହିଲା ବୋଲି ବିଜେପି ନେତା କହିଛନ୍ତି।

ତେବେ ବିଧାୟକ ଓ ଅନ୍ୟ ଦୁଇ ନେତାଙ୍କ ବିରୋଧରେ ମାମଲା ରୁଜୁ ହେବା ପରେ ବିଧାନସଭାରେ ଏହାକୁ ନେଇ ପ୍ରତିବାଦ କରିଛି ବିଜେଡି। ବିଜେଡି ବିଧାୟକଙ୍କ ପ୍ରତିବାଦ ଓ ହଟଗୋଳ ଯୋଗୁଁ ଗୃହ ଚାଲିପାରିନଥିଲା। ଯାହାଦ୍ୱାରା ପ୍ରଥମାର୍ଦ୍ଧ ଅଧିବେଶନରେ କୌଣସି ସରକାରୀ କାମ ହୋଇପାରିନଥିଲା।

### ଅଗ୍ନି-୪...

ରାଷ୍ଟ୍ରର ଯେ କୌଣସି ସ୍ଥାନକୁ ଏହି କ୍ଷେପଣାସ୍ତ୍ର ସହଜରେ ଲକ୍ଷ୍ୟଭେଦ କରିପାରିବ। ଡିଆରଡିଓର ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ବୈଜ୍ଞାନିକମାନେ ଏହାର ପରୀକ୍ଷଣ କରିଛନ୍ତି। ଆଇଟିଆର୍ ବରିଷ୍ଠ ବୈଜ୍ଞାନିକମାନେ ଟେଲିମେଟ୍ରିକ ରାଡାର୍ ସିଷ୍ଟମ୍‌ରେ ଲକ୍ଷ୍ୟଭେଦୀ କ୍ଷମତା ଏବଂ ଗତିବିଧି ଯାଞ୍ଚ କରିଥିଲେ। ପରୀକ୍ଷଣ ସଫଳ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଭିଆର୍‌ଏସ୍ ନେବେ...

ହେବାର ଆଶଙ୍କା କରିବା ସହ ଅସନ୍ତୋଷ ବ୍ୟକ୍ତକରି ସ୍ୱେଚ୍ଛାକୃତ ଅବସର ନେଉଥିବା ଚର୍ଚ୍ଚା ଏବେ ଗୃହ ବିଭାଗକୁ ଅଡୁଆରେ ପକାଇଛି । କାରଣ ସେଠାରେ କାମ କରି ୧୯୯୦ ସମାନ ବ୍ୟାଚ ର ଆଇପିଏସ ଖୁରାନିଆ ଙ୍କୁ ରିପୋରଟିଂ କରିବାକୁ କୁଆଡେ ସହଜରେ ହଜମ କରିପାରିନାହାନ୍ତି ଅରୁଣ ।

ସେପଟେ ଏହି ଘଟଣାକୁ ନେଇ ଆଇପିଏସ ଗ୍ରୁପ ଏବେ ଭାଗଭାଗ ହୋଇଛି । ଦକ୍ଷ ଅଫିସର ଭାବେ ମନୋଜ ଆହୁଜାଙ୍କୁ ପୂର୍ବରୁ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ପରେ ପରେ ଡିଜିପି ଭାବେ ଅରୁଣଙ୍କୁ କାଢ଼ି ଖୁରାନିଆଙ୍କୁ ଦାୟିତ୍ୱ ଦେଇ ସରକାର କଣ' ମେସେଜ ଦେବାକୁ ଚାହୁଁଛନ୍ତି ତାକୁ ନେଇ ଆଇପିଏସ ମହଲରେ ଚର୍ଚ୍ଚା ବନ୍ଦ ହେବାର ନାଁ ଧରୁନି । ଓଡ଼ିଆ ଅସ୍ମିତାର କଥା କହୁଥିବା ସରକାର ଓଡିଶା କ୍ୟାଡର ଅଫିସରଙ୍କୁ ସଠିକ ଦାୟିତ୍ୱ ଦେଉଛନ୍ତି ସିନା କିନ୍ତୁ ଓଡ଼ିଆ ଅଫିସରଙ୍କୁ ଭରଷାକୁ ନେଇପାରୁନଥିବା ଦେଖାଯାଇଛି । ଏଭଳି ଚର୍ଚ୍ଚା ଯଦି ସତ ହୁଏ ତେବେ ଏହି ମାସ ଶେଷ ସୁଦ୍ଧା ବରିଷ୍ଠ ଆଇପିଏସ ଅରୁଣ ଷଡଙ୍ଗୀ ସ୍ୱେଚ୍ଛାକୃତ ଅବସର ନେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

### ଭିଜିଲାନ୍ସ ପଞ୍ଝାରେ...

ଭଦ୍ରକ ପୈତୃକ ଘର, ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍ଥିତ ଘର ଓ ଶ୍ୱଶୁର ଘର, ଜାଗମରା ସ୍ଥିତ ଘର ସମେତ ୭ଟି ସ୍ଥାନରେ ଚଢାଉ କରିଥିଲା ଟିମ୍। ୨୦୦୧ରେ ସହକାରୀ ଜେଲର ଭାବେ ଚାକିରି ଆରମ୍ଭ କରିଥିବା ସତ୍ୟପ୍ରକାଶ ସ୍ୱାଇଁ ୨୩ ବର୍ଷ ମଧ୍ୟରେ ଅଚଳାଚଳ ସଂପତ୍ତିର ମାଲିକ ହୋଇପାରିଥିବା ଭିଜିଲାନ୍ସ ବିଭାଗ ଜାଣିବାକୁ ପାଇଛି। ସେ କଏଦୀଙ୍କ ପାଇଁ ଆସୁଥିବା ଟଙ୍କା ଆତ୍ମସାତ କରି ଅୟସ କରୁଥିଲେ। ପ୍ରତିବର୍ଷ ବିଦେଶ ବୁଲୁଥିଲେ ଓ ନିଜ ଏବଂ ସଂପର୍କୀୟଙ୍କ ନାମରେ ଜମିବାଡ଼ି କିଣୁଥିଲେ। ତାଙ୍କ ଦୁର୍ନୀତିର ଅଧିକ ଖୋଳତାଡ଼ କରୁଛି ଭିଜିଲାନ୍ସ।

### ବିକଶିତ ଭାରତରେ...

ଓଡିଶା ନିଜସ୍ୱ ସେମିକଣ୍ଡକ୍ଟର ନୀତି ପ୍ରସ୍ତୁତ କରିଛି। ଏହାଦ୍ୱାରା ନିଜସ୍ୱ ଜ୍ଞାନ କୌଶଳରେ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି କରିଛି। ଦେଶର ପ୍ରଗତିରେ ମଧ୍ୟ ଓଡିଶା ନିଜର ଭାଗିଦାରୀ ପ୍ରମାଣିତ କରିଛି। ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ସେମିକଣ୍ଡକ୍ଟର ନୀତି କେବଳ ସେମିକଣ୍ଡକ୍ଟର କ୍ଷେତ୍ରରେ ପୁଂଜିନିବେଶ ପାଇଁ ପ୍ରୋତ୍ସାହନ ଦେଉନାହିଁ। ଫ୍ୟାବ୍ରିକ୍ସ ୟୁନିଟ ସହ ସେମିକଣ୍ଡକ୍ଟର ଶିଳ୍ପ ସହ ଜଡିତ ଅନ୍ୟ ଆନସଙ୍ଗିକ ଶିଳ୍ପକୁ ମଧ୍ୟ ଏହି ନୀତି ଅନୁଯାୟୀ ପ୍ରୋତ୍ସାହନ ଦେବେ ସରକାର।

ସେମିକଣ୍ଡକ୍ଟର ନୀତି ସହ ଓଡିଶା ସରକାରଙ୍କ ନିଜସ୍ୱ ଓ-ଚିପ ଯୋଜନା ବି କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ସେମିକଣ୍ଡକ୍ଟର ଶିଳ୍ପ ସହ ଜିଡିତ ଷ୍ଟାର୍ଟ ଅପ ଓ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିବ। ଏହି ଯୋଜନାରେ ଆଇପି, ମାର୍କେଟ କନେକ୍ଟ ଓ ବିଶେଷଜ୍ଞଙ୍କ ଦ୍ୱାରା ତାଲିମ କାର୍ଯ୍ୟକ୍ରମ ପାଇଁ ମଧ୍ୟ ପ୍ରୋତ୍ସାହନର ସୁଯୋଗ ରହିଛି। ଏପରିକି ଶିକ୍ଷାନୁଷ୍ଠାନକୁ ରିସର୍ଚ୍ଚ ପାଇଁ ଅନୁଦାମ ମଧ୍ୟ ଯୋଗାଇଦେବେ ରାଜ୍ୟ ସରକାର। ଆରଆଇଆର ପାଓ୍ୱାର ଇଲେକ୍ଟ୍ରୋନିକ୍ସ ଭିନ୍ନ ସେମିକଣ୍ଡକ୍ଟର ଶିଳ୍ପରେ ନିବେଶ ପାଇଁ ଓଡିଶାକୁ ଆଉ କିଛି ନିବେଶକ ଆବେଦନ କରିଥିବା ଜଣାପଡିଛି।

# କାନ୍ତ କବିଙ୍କୁ କଣ୍ଠ କବି ପଢ଼ି ୯୫ ହଜାର

**ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଫେବୃଆରୀ ମାସରେ ରାଜ୍ୟ ସରକାର ଓଡ଼ିଆ ଭାଷାର ପ୍ରଚାର ପ୍ରସାର ନିମନ୍ତେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମର ଆରମ୍ଭରେ ମଞ୍ଚ ପରିଚାଳନା କରୁଥିବା ପରିଚାଳିକା ସଂହିତା ପାଣି କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ କଣ୍ଠ କବି ପଢିବାରୁ ବିବାଦ ଆରମ୍ଭ ହୋଇଥିଲା। ତେବେ ଏହି ପରିଚାଳିକାଙ୍କୁ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ସରକାର ସର୍ବାଧିକ ଟଙ୍କା ଦେଇଥିବା ଜଣା ପଡିଛି।

ଫେବୃଆରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନରେ ଶୁଭମ କୁମାର ବେହେରା, ସଂହିତା ପାଣି ଏବଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତେବେ ତିନି ଜଣଙ୍କୁ ପ୍ରଦାନ କରାଯାଇଥିବା ପାଉଣା ତାରତମ୍ୟ ରହିଥିବା ଦେଖାଯାଇଛି। ଶୁଭମଙ୍କୁ ୨୫ ହଜାର ଟଙ୍କା, ଶ୍ରୀନିବାସ ଘଟୁଆରୀଙ୍କୁ ୨୦ ହଜାର ଟଙ୍କା ପାରିଶ୍ରମିକ ମିଳିଥିବା ବେଳେ ସଂହିତା ପାଣିଙ୍କୁ ସରକାର ୯୫ ହଜାର ଟଙ୍କା ପାରିଶ୍ରମିକ ଦେଇଥିଲେ।

ଶୁକ୍ରବାର ବିଧାୟକ ଲକ୍ଷ୍ମଣ ବାଗ ପ୍ରାଶ୍ନ କରିଥିଲେ କି ସରକାର ଏହି କାର୍ଯ୍ୟକ୍ରମରେ କେଉଁଠି ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି।

ଏହାର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ବଂଶୀ ସୂରଜ କହିଥିଲେ "ବିଶ୍ୱ ଓଡିଆ ଭାଷା ଭାଷା ସମ୍ମିଳନୀର ଆୟୋଜନ ନିମନ୍ତେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ବ୍ୟତୀତ ଅନ୍ୟ ବହୁ ବିଭାଗ ଏବଂ ବହୁ ସ୍ୱୟଂ ଶାସିତ ସଂସ୍ଥା ବିଭିନ୍ନ କାର୍ଯ କାର୍ଯ୍ୟକ୍ରମ ଆୟୋଜିତ କରିଥିଲେ। ମିଳିଥିବା ତଥ୍ୟ ଅନୁଯାୟୀ ବିଭିନ୍ନ ସଂସ୍ଥା ଭିନ୍ନ ଭିନ୍ନ ଦିବସରେ ନୃତ ନୃତ୍ୟ, ସଙ୍ଗୀତ କା କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା (ଆଙ୍କରିଙ୍ଗ) ପାଇଁ ବିଭିନ୍ନ ନୃତ୍ୟ, ସଙ୍ଗୀତ ଦଳ ଓ ମଞ୍ଚ ପରିଚାଳକ (ଆଙ୍କର)ଙ୍କୁ ନି ନିୟୋଜିତ କରିଥିଲେ।"

ତେବେ ଏହି ସମ୍ମିଳନୀରେ କେବଳ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମୋଟ ୩୦ ଲକ୍ଷ ୬୦ ହଜାର ୧୬୦ ଟଙ୍କା ବ୍ୟୟ କରାଯାଇଥିଲା।

# ଧରାପଡ଼ିଲା ଫେକ୍ ଇନଷ୍ଟାଗ୍ରାମ୍ ଠକ



**ଭୁବନେଶ୍ୱର,୬।୯ (ସଂଚାର ବ୍ୟୁରୋ):** ରାଜଧାନୀରେ ମହିଳାଙ୍କ ସୁରକ୍ଷା ଲାଗି କମିଶନରେଟ ପୁଲିସ ସଜାଗ ହୋଇ ଉଠିଛି । ବିଶେଷ କରି କର୍ମଜୀବୀ ମହିଳାମାନେ ରୋଡ ରୋମିଓଙ୍କ ଦୁର୍ବ୍ୟବହାରର ଶିକାର ହେଉଥିବାରୁ ଏହାକୁ ରୋକିବା ଲାଗି ପୁଲିସ ଏକ ନୂଆ ପକ୍ଷକ୍ଷେପ ଗ୍ରହଣ କରିଛି । ଏକ ସ୍ୱତନ୍ତ୍ର ପୁଲିସ ଟିମ ଗଠନ କରାଯାଇ ଏହି ରୋଡ ରୋମିଓଙ୍କ ଉପରେ କଡା ନଜର ରଖାଯାଇଛି। ଏହି ଟିମର ନାଁ 'ହର୍' ବା 'ଏଚ୍ଇଆର'ରଖାଯାଇଛି । ଏଚଇଆରର ଅର୍ଥ 'ହାଇ ଏଫିସିଏନ୍ସି ରେସପନ୍ସ'। ଟିମର ମଙ୍ଗ ଧରିଛନ୍ତି ମହିଳା ଏସିପି ଅଞ୍ଜନା ଟୁଡୁ । ସବୁଦିନ ପରି ଆଜି ମଧ୍ୟ ଜଣେ ଫେକ୍ ଇନଷ୍ଟାଗ୍ରାମ ଖୋଲି ଯୁବତୀଙ୍କୁ ମେସେଜ୍ ପରେ ତାଙ୍କର ଫେକ୍ ଅଶ୍ଳୀଳ ଫୋଟ ପଠାଇ ବ୍ଲାକମେଲିଂ କରି ତାଙ୍କ ସହ ରିଲେସନ୍ ରଖିବାକୁ କହି ମାନସିକ ନିର୍ଯ୍ୟାତନା ଦେଇ ହାରସମେଣ୍ଟ କରୁଥିବା ଓ ଅଶ୍ଳୀଳ ଫୋଟକୁ ସୋସାଲ ମିଡ଼ିଆରେ ପୋଷ୍ଟ କରି ଠକେଇ କରୁଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି ସାଇବର ଥାନା ପୁଲିସ ଓ ହର୍ ଟିମ । ଗିରଫ ଅଭିଯୁକ୍ତ ହେଲା କଟକ ନିଆଳୀର ବାଦଲ ଦାଶ । ସେ ଜଣେ ସିକ୍ୟୁରିଟି ଗାର୍ଡ।

ରାଜଧାନୀ ଓ ଉପକଣ୍ଠରେ ରୋଡ ରୋମିଓ, ଅସଦାଚରଣ, ବ୍ଲାକମେଲିଂ, ଅପହରଣ ଓ ଫେକ୍ ଆକାଉଣ୍ଟ ଖୋଲି ମହିଳା ଓ ଯୁବତୀ ମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ବଢୁଥିବା ନେଇ କମିଶନରେଟ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା । ଏହି ଟିମର ନେତୃତ୍ୱ ଏସିପି ଅଞ୍ଜନା ଟୁଡୁ ନେଉଥିବା ବେଳେ, ମୋଟ ୧୪ ଜଣ ମହିଳା ପୁଲିସ ଅଫିସର ଏହି ଟିମର ମେମ୍ବର ରହିଛନ୍ତି । ଏଥିପାଇଁ ଏକ ଟୋଲ ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି । ଏହି ନମ୍ବର ହେଉଛି ୬୩୭୨୫୦୦୪୦୦। ଯେଉଁମାନେ ଅସୁବିଧା ସମୟରେ ଏହି ନମ୍ବରକୁ କଲ କରିବେ ସେମାନଙ୍କ ନମ୍ବର ମଧ୍ୟ ଗୋପନ ରଖାଯିବ । ଯଦି କେହି କଣ୍ଟ୍ରୋଲ ରୁମକୁ ଫୋନ କରୁଛି, ଉକ୍ତ କଲକୁ ମଧ୍ୟ ଏହି ନମ୍ବରକୁ ଡାଇଭର୍ଟ କରାଯାଉଛି । ଅଭିଯୋଗ ଆସିବା ମାତ୍ରେ ପୁଲିସ ମଧ୍ୟ ଅଧିକାଂଶ କେସରେ ନିଜ ତରଫରୁ କେସ ରୁଜୁ କରୁଛି । ଖଟି, ମାର୍କେଟ, ପାର୍କରେ ସାଦା ପୋଷାକରେ ଏହି ମହିଳା ସ୍କ୍ୱାର୍ଡ ପଇଁତରା ମାରୁଛନ୍ତି। ଆଗକୁ ଏହି ଟିମ ମହିଳାଙ୍କୁ ଦୁର୍ବ୍ୟବହାର ଓ ନିର୍ଯ୍ୟାତନା ଘଟଣାରେ ଅଭିଯୁକ୍ତଙ୍କୁ ଦୃଢ଼ ହସ୍ତରେ ଦମନ କରିବ ବୋଲି ଡିସିପି ପ୍ରତୀକ୍ ସିଂହ କହିଛନ୍ତି ।

## ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪

# ପ୍ରବୀଣଙ୍କ ସ୍ୱର୍ଣ୍ଣିମ ଲମ୍ଫ



ପ୍ୟାରିସ୍, ୬।୯: ପ୍ୟାରିସ୍ ପାରାଲିମ୍ପିକ୍ସରେ ଶୁକ୍ରବାର ନବମ ଦିନ ଭାରତର ପ୍ରବୀଣ କୁମାର ପୁରୁଷ ହାଇ ଜମ୍ପ୍ ଟି୬୪ ଇଭେଣ୍ଟରେ ଏସୀୟ ରେକର୍ଡ ଭାଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଟୋକିଓରେ ରୌପ୍ୟ ଜିତିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

୨୧ବର୍ଷୀୟ ପ୍ରବୀଣ ଛଅଜଣିଆ ଫାଇନାଲ୍‌ରେ ୨.୦୮ ମିଟରର ସିଜନ୍-ଶ୍ରେଷ୍ଠ ଲମ୍ଫ ମାରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆମେରିକାର ଡେରେକ୍ ଲୋକିଡେଣ୍ଟ ୨.୦୬ମି. ଲମ୍ଫ ସହ ରୌପ୍ୟ ଓ ଉଜ୍‌ବେକିସ୍ତାନର ତେମୁରବେକ୍ ଗିଆଜୋଭ୍ ୨.୦୩ମି. ଲମ୍ଫ ସହ କାଂସ୍ୟ ପଦକ ପାଇଥିଲେ। ଏବେ ଭାରତର ପଦକ ସଂଖ୍ୟା 26ରେ ପହଞ୍ଚିଛି। ଏଥିରେ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୧ କାଂସ୍ୟ ପଦକ ରହିଛି। ପାରାଲିମ୍ପିକ୍ସରେ ଏହା ଭାରତର ସର୍ବକାଳୀନ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଟୋକିଓ କ୍ରୀଡ଼ାରେ ଭାରତକୁ ୫ ସ୍ୱର୍ଣ୍ଣ ସମେତ ୧୯ ପଦକ ମିଳିଥିଲା।

ଏହା ପୂର୍ବରୁ ଗୁରୁବାର ଅଷ୍ଟମ ଦିନ ଭାରତକୁ ଗୋଟିଏ ପଦକ ମିଳିଥିଲା। ପୁରୁଷ ଜୁଡୋ ଜେ-୧ ଇଭେଣ୍ଟରେ କପିଳ ପରମାର ଦେଶକୁ କାଂସ୍ୟ ପଦକ ଜିତାଇଥିଲେ। ସେ ବ୍ରାଜିଲ୍‌ର ଏଲିଟନ୍ ଡି' ଓଲିଭିଏରାଙ୍କୁ ମାତ୍ର ୩୩ ସେକେଣ୍ଡରେ ୧୦-୦ରେ ହରାଇଥିଲେ। ଏହାଛଡ଼ା ହରବିନ୍ଦର ସିଂହ ଓ ପୂଜା ମିଶ୍ରିତ ତୀରନ୍ଦାଜୀ କାଂସ୍ୟ ପଦକ ମ୍ୟାଚ୍‌ରେ ହାରି ଯାଇଥିଲେ। ସେହିପରି ମହିଳା ୧୦୦ମି. ଟି୧୨ ଇଭେଣ୍ଟର ଫାଇନାଲ୍‌ରେ ଭାରତର ସିମରନ୍ ୧୨.୩୧ ସେକେଣ୍ଡରେ ରେସ୍ ପୂରା କରି ଚତୁର୍ଥ ସ୍ଥାନରେ ରହିଥିଲେ।



## ଦୁଲିପ ଟ୍ରଫି କ୍ରିକେଟ

# ମୁସିରଙ୍କ ୧୮୧ ବଳରେ ଇଣ୍ଡିଆ-ବି ୩୨୧

ବେଙ୍ଗାଲୁରୁ, ୬।୯: ଦଲିପ ଟ୍ରଫିରେ କମାଲ କରିଛନ୍ତି ସର୍ଫରାଜ ଖାନଙ୍କ ସାନ ଭାଇ ମୁଶୀର। ସେ ଏକାକୀ ଲଢ଼େଇ କରି ଇଣ୍ଡିଆ ବି'କୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୯୪ ରନରେ ୭ ୱିକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିବା ଇଣ୍ଡିଆ ବି'କୁ ମୁଶୀର ଖାନ ୧୮୧ ରନର ଇନିଂସ ଖେଳି ସମ୍ଭାଳିଛନ୍ତି। ସେ ଦୁଇ ଶତକ ହାସଲ କରି ପାରି ନଥିଲେ ହେଁ ବ୍ୟାଟିଂ ଦ୍ୱାରା ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ପ୍ରଥମ ଶ୍ରେଣୀ କ୍ରିକେଟରେ ମୁଶୀର ଦ୍ୱିତୀୟ ଥର ପାଇଁ ୧୫୦ରୁ ଅଧିକ ରନ କରିଛନ୍ତି। ଇଣ୍ଡିଆ ଏ ବିପକ୍ଷରେ ସେ ୩୭୩ ବଲର ସାମ୍ନା କରି ୧୮୧ ରନ କରିବା ପରେ କମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାଁରେ ୩୩ ବର୍ଷ ଧରି ରହିଥିବା ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

ଦଲିପ ଟ୍ରଫିରେ ମୁଶୀର ତୃତୀୟ କିଶୋର ଭାବେ ସର୍ବାଧିକ ସ୍କୋର କରିଛନ୍ତି। ସଚିନ ତେନ୍ଦୁଲକର ୧୯୯୧ରେ ଗୁହାଟୀ ଠାରେ ଖେଳୁଥିବା ଦଲିପ ଟ୍ରଫିରେ ୱେଷ୍ଟ ଜୋନ ପାଇଁ ଇଷ୍ଟ ଜୋନ ବିପକ୍ଷରେ ୧୫୯ ରନର ଇନିଂସ ଖେଳିଥିଲେ। ହେଲେ ମୁଶୀର ଏହାକୁ ଅତିକ୍ରମ କରି ଯାଇଛନ୍ତି। ୩୩ ବର୍ଷ ପରେ ସଚିନଙ୍କୁ ସେ ଅତିକ୍ରମ କରିଛନ୍ତି। ତେବେ ୟାଶ ଧୁଲ ଓ ବାବା ଅପରଜିତଙ୍କୁ ଅତିକ୍ରମ କରିବାକୁ ସକ୍ଷମ ହୋଇ ପାରି ନାହାନ୍ତି ମୁଶୀର।

ବାବା ଅପରଜିତ ଦଲିପ ଟ୍ରଫି ଡେବ୍ୟୁରେ ୨୧୨ ରନ ଓ ୟାଶ ଧୁଲ ୧୯୩ ରନର ଇନିଂସ ଖେଳିଥିଲେ। ଏହାକୁ ଅତିକ୍ରମ କରିବାକୁ ମୁଶୀର ଅତି ନିକଟରେ ପହଞ୍ଚିଥିଲେ ହେଁ ତାଙ୍କୁ ୧୮୧ ରନରେ ପ୍ୟାଭିଲିୟନ ଫେରିବାକୁ ପଡ଼ିଛି। ପ୍ରଥମ ଶ୍ରେଣୀ କ୍ରିକେଟକୁ ନୂଆ କରି ଆସିଥିବା ମୁଶୀର ଇତି ମଧ୍ୟରେ ୭ଟି ମ୍ୟାଚ୍‌ରେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧ ଶତକ ହାସଲ କରିଛନ୍ତି। ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୨୦୩। ଏଯାଏ ସେ ନାଲି ବଲ କ୍ରିକେଟର ମୋଟ ୧୧ଟି ଇନିଂସରେ ୬୪.୫୪ ହାରରେ ୭୧୦ କରି ସାରିଲେଣି। ମୁଶୀର ଦଲିପ ଟ୍ରଫିରେ ଖେଳିଥିବା ୧୮୧ ରନର ଇନିଂସରେ ୧୬ଟି ଚୌକା ଓ ୫ଟି ଛକା ମାରିଛନ୍ତି। ସେ କୁଲଦୀପ ଯାଦବଙ୍କୁ ମାରିଥିବା ଗୋଟିଏ ଛକା ସିଧା ଷ୍ଟାଡିୟମର ଛାତ ଉପରେ ମଧ୍ୟ ପଡ଼ିଥିଲା। ମୁଶୀରଙ୍କ ବ୍ୟତୀତ ନବଦୀପ ସୈନି ୫୬ ରନର ଇନିଂସ ଖେଳିବାରୁ ଇଣ୍ଡିଆ ବି ତା'ର ପ୍ରଥମ ଇନିଂସରେ ସମସ୍ତ ୱିକେଟ ହରାଇ ୩୨୧ ରନ କରି ପାରିଛି।

## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# ଫାଇନାଲ୍ ପାଇଁ ନୀରଜଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ, ୬।୯: ଭାରତର ତାରକା ଜାଭଲିନ୍ ଥ୍ରୋଅର୍ ତଥା ଦୁଇ ଅଲିମ୍ପିକ୍ ପଦକଧାରୀ ନୀରଜ ଚୋପ୍ରା ଡାଇମଣ୍ଡ ଲିଗ୍‌ର ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। କିନ୍ତୁ ପ୍ୟାରିସ୍ ଅଲିମ୍ପିକ୍ସରେ ୯୨.୯୭ମି. ରେକର୍ଡ ଥ୍ରୋ' ସହ ସ୍ୱର୍ଣ୍ଣ ଜିତିଥିବା ପାକିସ୍ତାନର ଅରଶଦ ନଦୀମ ଯୋଗ୍ୟତା ହାସଲ କରିପାରି ନାହାନ୍ତି। ଡାଇମଣ୍ଡ ଲିଗ୍ ଷ୍ଟାଣ୍ଡିଙ୍ଗ୍‌ର ଟପ୍-୬ ଥିବା ଆଥ୍‌ଲେଟ୍‌ମାନେ ସେପ୍ଟେମ୍ବର ୧୩ ଓ ୧୪ରେ ବ୍ରୁସେଲ୍ସ ଠାରେ ହେବାକୁ ଥିବା ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିରେ ନୀରଜ ୧୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ଅଛନ୍ତି। ଏହି ସିଜନ୍‌ରେ ନୀରଜ ମାତ୍ର ଦୁଇ ଇଭେଣ୍ଟରେ ଭାଗ ନେଇଥିଲେ। ଅରଶଦ ମାତ୍ର ୫ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛନ୍ତି। ଫାଇନାଲ୍ ପାଇଁ ନୀରଜଙ୍କ ସହିତ ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ (ଚାରି ଇଭେଣ୍ଟରୁ ୨୯ ପଏଣ୍ଟ), ଜର୍ମାନୀର ଜୁଲିଅନ୍ ୱେବର (ତିନି ଇଭେଣ୍ଟରୁ ୨୧), ଚେକ୍ ଗଣତନ୍ତ୍ରର ଜାକବ ବଡଲେଜ୍ (ତିନି ଇଭେଣ୍ଟରୁ ୧୬), ମାଲଡୋଭାର ଆଡ୍ରିଅନ୍ ମାଡରୀ (ଚାରି ଇଭେଣ୍ଟରୁ ୧୩) ଓ ଜାପାନର ରୋଡରିକ୍ ଜେନକୀ ଡିନ୍ (ତିନି ଇଭେଣ୍ଟରୁ ୧୨) ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ବର୍ଷ ଦୋହା ଠାରେ ନୀରଜ ୮୮.୮୬ମି. ଥ୍ରୋ' ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାଛଡ଼ା ଲୁଜାନ୍‌ରେ ସେ ୮୯.୪୯ମି. ଥ୍ରୋ' ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ, ଯାହାକି ସିଜନ୍‌ରେ ତାଙ୍କ ସର୍ବଶ୍ରେଷ୍ଠ ଥ୍ରୋ' ଥିଲା।




# ନ୍ୟୁଜିଲାଣ୍ଡ କୋଚିଂ ଟିମ୍‌ରେ ରାଥୋଡ଼

ନୂଆଦିଲ୍ଲୀ, ୬।୯: ଟିମ୍ ଇଣ୍ଡିଆର ପୂର୍ବତନ ବ୍ୟାଟିଂ କୋଚ୍ ବିକ୍ରମ ରାଥୋଡ଼ ଶୁକ୍ରବାର ନ୍ୟୁଜିଲାଣ୍ଡର କୋଚିଂ ଷ୍ଟାଫ୍‌ରେ ସାମିଲ୍ ହୋଇଛନ୍ତି। କିୱି ଟିମ୍ ସେପ୍ଟେମ୍ବର ୯ରୁ ଆଫଗାନିସ୍ତାନ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ପୂର୍ବରୁ ନୋଏଡ଼ାରେ ଅଭ୍ୟାସ କରୁଛି।

### ୯ରୁ ଆଫଗାନିସ୍ତାନ ବିପକ୍ଷରେ ଖେଳାଯିବ ଏକମାତ୍ର ଟେଷ୍ଟ

ଟିମ୍ ଦିନକ ପୂର୍ବେ ନୂଆଦିଲ୍ଲୀରେ ପହଞ୍ଚିଥିଲା। କୁହାଯାଉଛି ଯେ ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତର ପୂର୍ବତନ ଓପନର୍ 55ବର୍ଷୀୟ ରାଥୋଡ଼ଙ୍କୁ ଟିମ୍ ସହ ଯୋଡ଼ିଛି। ଏହାଛଡ଼ା ଶ୍ରୀଲଙ୍କାର ପୂର୍ବତନ ସ୍ପିନର୍ ରଙ୍ଗନା ହେରାତ ସ୍ପିନ୍ ବୋଲିଂ କୋଚ୍ ହୋଇଛନ୍ତି। କିଛି ଦିନ ପୂର୍ବେ ଭାରତୀୟ ଟିମ୍‌ର ବ୍ୟାଟିଂ କୋଚ୍ ଭାବେ ରାଥୋଡ଼ଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେ ଚଳିତ ବର୍ଷ ଟି-20 ବିଶ୍ୱକପ୍ ଜିତିଥିବା ଟିମ୍‌ର କୋଚିଂ ଷ୍ଟାଫ୍ ଥିଲେ। ଏହା ପୂର୍ବରୁ ତାଙ୍କ କୋଚିଂ କାଳରେ ଟିମ୍ ଦିନିକିଆ ବିଶ୍ୱକପ୍ ୨୦୨୩ ଫାଇନାଲ୍‌ରେ ପହଞ୍ଚିଥିଲା ଓ ଏସିଆ କପ୍ ଜିତିଥିଲା। ଟିମ୍ ଇଣ୍ଡିଆ ଦୁଇ ଥର ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ର ଫାଇନାଲ୍‌ରେ ମଧ୍ୟ ସ୍ଥାନ ପାଇଥିଲା। ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ହେବାକୁ ଥିବା ଏକମାତ୍ର ଟେଷ୍ଟ ବିଶିଷ୍ଟ ଶୃଙ୍ଖଳାରେ ପ୍ରାୟ ୧୨ ହଜାର ପ୍ରଶଂସକଙ୍କୁ ଫ୍ରି ଏଣ୍ଟ୍ରି ଦିଆଯିବ। ଗ୍ରେଟର୍ ନୋଏଡ଼ାରେ ଆଫଗାନିସ୍ତାନର ଅନେକ ଛାତ୍ର ପାଠ ପଢୁଛନ୍ତି। ସେମାନେ ଏହି ମ୍ୟାଚ୍‌କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି।



## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# ସାବାଲେଙ୍କା-ପେଗୁଲା ଫାଇନାଲ୍

ନ୍ୟୁୟର୍କ, ୬।୯: ଦ୍ୱିତୀୟ ସିଡ୍ ଆରିନା ସାବାଲେଙ୍କା ଓ ପ୍ରଥମଥର ଗ୍ରାଣ୍ଡସ୍ଲାମ୍ ଫାଇନାଲ୍‌ରେ ପହଞ୍ଚିଥିବା ଷଷ୍ଠ ସିଡ୍ ଜେସିକା ପେଗୁଲା ୟୁଏସ୍ ଓପନ୍ ମହିଳା ଏକକ ଫାଇନାଲ୍‌ରେ ମୁହାଁମୁହିଁ ହେବେ। ବେଲାରୁଷୀୟ ସାବାଲେଙ୍କା କ୍ୟାରିଅର୍‌ର ତୃତୀୟ ମେଜର୍ ମୁକୁଟ ଲକ୍ଷ୍ୟରେ ଥିବା ବେଳେ ଆମେରିକୀୟ ପେଗୁଲା ପ୍ରଥମ ମୁକୁଟ ଆଶାରେ ମଇଦାନକୁ ଓହ୍ଲାଇବେ।

ଦୁଇ ଥର ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ବେଲାରୁଷୀୟ ସାବାଲେଙ୍କା ୧୩ତମ ସିଡ୍ ଆମେରିକାର ଏମା ନଭାରୋଙ୍କୁ ୬-୩, ୭-୬ (୭/୨)ରେ ହରାଇ କ୍ରମାଗତ ଦ୍ୱିତୀୟ ଥର ୟୁଏସ୍ ଓପନ୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏହା ସହିତ ୧୩ତମ ସିଡ୍ ନଭାରୋଙ୍କ ପ୍ରଥମ ଥର ଗ୍ରାଣ୍ଡସ୍ଲାମ୍ ଫାଇନାଲ୍ ଖେଳିବା ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ସେ ଡିଫେଣ୍ଡିଂ ଚାମ୍ପିଅନ୍ ନିଜ ଦେଶର କୋକୋ ଗଫ୍‌ଙ୍କୁ ହରାଇ ପ୍ରଥମ ଥର ସେମିଫାଇନାଲ୍‌କୁ ଆସିଥିଲେ। ବିଶ୍ୱର ଦୁଇ ନମ୍ବର ଖେଳାଳି ମ୍ୟାଚ୍‌ରେ ୩୪ ୱିନର୍ ଲଗାଇଥିବା ବେଳେ ନଭାରୋ ମାତ୍ର ୧୩ ୱିନର୍ ଲଗାଇଥିଲେ। ଗତ ବର୍ଷ ଟୁର୍ଣ୍ଣାମେଣ୍ଟରେ ଉପ-ବିଜୟିନୀ ହୋଇଥିବା ସାବାଲେଙ୍କା ୯୦ ମିନିଟ୍‌ରେ ଏହି ମ୍ୟାଚ୍ ଜିତିଥିଲେ। ଅନ୍ୟ ଏକ ସେମିଫାଇନାଲ୍‌ରେ ଆମେରିକୀୟ ତାରକା ପେଗୁଲା ବିଶ୍ୱର ୫୧ତମ ମାନ୍ୟତାଧାରିଣୀ ଅନ୍‌ସିଡ୍ ଚେକ୍ ଗଣତନ୍ତ୍ରର କାରୋଲିନା ମୁକୋଭାଙ୍କୁ ୧-୬, ୬-୪, ୬-୨ ସେଟ୍‌ରେ ହରାଇଥିଲେ। ଏହି ରୋମାଞ୍ଚକ ମୁକାବିଲାରେ ପେଗୁଲା ୨୮ ମିନିଟ୍‌ରେ ପ୍ରଥମ ସେଟ୍ ହାରିଥିଲେ। ତେବେ ଦ୍ୱିତୀୟ ସେଟ୍‌ରେ ସେ ପ୍ରତ୍ୟାବର୍ତ୍ତନ କରି ସ୍କୋର୍‌ଲାଇନ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ତୃତୀୟ ସେଟ୍‌ରେ ତାଙ୍କ ପ୍ରଦର୍ଶନ ଅଧିକ ଦମ୍ଦାର ଥିଲା। ଶେଷ ୧୦ ଗେମ୍ ମଧ୍ୟରୁ ସେ ଆଠ ଗେମ୍ ଜିତିଥିଲେ। ୪୦ତମ ଅନ୍‌ଫୋର୍ସଡ୍ ଏରର୍ କରିବା ପରେ ମୁକୋଭା ମ୍ୟାଚ୍ ହାରିଥିଲେ। ୩୦ବର୍ଷୀୟା ପେଗୁଲା ୟୁଏସ୍ ହାର୍ଡକୋର୍ଟରେ ୧୬ରୁ ୧୫ ମ୍ୟାଚ୍ ଜିତିଛନ୍ତି, ଯେଉଁଥିରେ ଟରୋଣ୍ଟୋ ବିଜୟ ଓ ସାବାଲେଙ୍କାଙ୍କ ଠାରୁ ସିନ୍‌ସିନାଟି ଫାଇନାଲ୍ ପରାଜୟ ରହିଛି। ସେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୨୦୨୨ ଚାମ୍ପିଅନ୍ ଇଗା ସ୍ୱିଆଟେକ୍‌ଙ୍କୁ ସ୍ତବ୍ଧ କରି ଅନ୍ତିମ-୪ରେ ପହଞ୍ଚିଥିଲେ।






### ଇଣ୍ଡିଆ-ସି ୧୬୮ରେ ଅଲ ଆଉଟ

ଅନନ୍ତନପୁର, ୬।୯: ଇଣ୍ଡିଆ-ଡି ଟିମର ବୋଲରଙ୍କ ଶାଣିତ ବୋଲିଂର ସାମ୍ନା କରିନପାରି ରୁତୁରାଜ ଗାଏକୱାଡ଼ଙ୍କ ନେତୃତ୍ୱାଧିନ ଇଣ୍ଡିଆ-ସି ଟିମ ଏହାର ପ୍ରଥମ ଇନିଂସରେ ୧୬୮ ରନରେ ଅଲ ଆଉଟ ହୋଇଛି। ପୂର୍ବରୁ ଇଣ୍ଡିଆ-ଡି ଏହାର ପ୍ରଥମ ଇନିଂସରେ ଅକ୍ଷର ପଟେଲଙ୍କ ଧୂଆଁଧାର ୮୬ ରନ ବଳରେ ୧୬୪ ରନ ସଂଗ୍ରହ କରିଥିଲା। ଫଳରେ ଇଣ୍ଡିଆ ସି ପ୍ରଥମ ଇନିଂସରେ ମାତ୍ର ୪ ରନର ଅଗ୍ରଣୀ ହାସଲ କରିଛି। ଇଣ୍ଡିଆ ସି ପକ୍ଷରୁ ବାବା ଇନ୍ଦ୍ରଜିତ ସର୍ବାଧିକ ୭୨ ଏବଂ ଅଭିଷେକ ପୋରେଲ ୩୪ ରନ ସଂଗ୍ରହ କରିଥିବା ବେଳେ ଅନ୍ୟ କେହି ବ୍ୟାଟିଂରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିନଥିଲେ। ଇଣ୍ଡିଆ ଡି ପକ୍ଷରୁ ହର୍ଷିତ ରାଣା ୪ଟି ୱିକେଟ ଦଖଲ କରିଥିବା ବେଳେ ଅକ୍ଷର ପଟେଲ ଓ ସାରାଂଶ ଜୈନ ୨ଟି ଲେଖାଏଁ ୱିକେଟ ଦଖଲ କରିଥିଲେ। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଇଣ୍ଡିଆ-ଡି ୧୭୭ ରନରେ ୪ଟି ୱିକେଟ ହରାଇଛି। ଶ୍ରେୟସ ଆୟାର ୫୪ ଓ ଦେବଦତ୍ତ ପାଡିକଲ ୫୬ ରନ କରି ଆଉଟ ହୋଇଛନ୍ତି।

